ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.74 Bhubaneswar Thursday April 25 2024 | ୨୬ତମ ବର୍ଷ ସଂଖ୍ୟା-୭୪ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୨୫, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) | Member-INS

## ୨୪ ମହାସଂଗ୍ରାମ: ପ୍ରଚାର ଆରମ୍ଭ କଲେ ନୀବନ, କାଲି ଆସିବେ ଅମିତ ଶାହ





ଭୁବନେଶ୍ୱର,୨୪।୪(ପିଏନ):୨୦୨୪ ମହାସଂଗ୍ରାମ ପାଇଁ ଆଜି ଠାରୁ ବିଧିବଦ୍ଧ ଭାବେ ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନିଜ ନିର୍ବାଚନ ମଣ୍ଡଳୀ ହିଞ୍ଜିଳିରୁ ଆଜି ବିଜେଡି ପ୍ରଚାରର ଶୁଭ ଦେଇଛନ୍ତି ନବୀନ। ହିଞ୍ଜିଳିର ଦୁଇଟି ସ୍ଥାନ ସମରଝୋଳ ଓ ଶେରଗଡ଼ରେ ଜନସଭାକୁ ସମ୍ବୋଧିତ କରି ଯୋଡ଼ି ଶଙ୍ଖ ବିକାଶର ପରିଚୟ କହି ଭୋଟ୍ ମାଗିଛନ୍ତି। ଏଥିସହ ହିଞ୍ଜିଳିରୁ ବିକାଶର ଜୟଯାତ୍ରା ଆରମ୍ଭ ହେଲା କହି ନିର୍ବାଚନୀ ସଭାମଞ୍ଚରୁ ବିରୋଧୀ ଦଳଙ୍କୁ ବି ନିଶାନା କରିଛନ୍ତି ।ସେହିପରି ଆସନ୍ତାକାଲି ଓଡିଶା ଆସିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ଏଥିସହିତ ବିଧିବଦ୍ଧ ଭାବେ ରାଜ୍ୟ ବିଜେପିର ପ୍ରଚାର ବିଗୁଲ ଫୁଙ୍କିବେ। ଶାହ ଅପରାହ୍ଣ ସାଢେ ୩ଟାରେ ଝାରସୁଗୁଡ଼ା ଏୟାରପୋର୍ଟରେ ପହଞ୍ଚିବେ। ସେଠାରୁ ସୋନପୁର ଯାଇ ନିର୍ବାଚନ ପ୍ରଚାରର ଶୁଭାରମ୍ଭ କରିବେ। ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମରେ ଅମିତ ଶାହଙ୍କ ନିର୍ବାଚନୀ ସଭା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ହୋଇଛି। ଶାହ ସୋନପୁର କାର୍ଯ୍ୟକ୍ରମ ସାରି ଭୁବନେଶ୍ୱର ଆସିବେ। ଏଠାରେ ସେ ଦଳର ପ୍ରମୁଖ କାର୍ଯ୍ୟକର୍ତ୍ତା ସହ ବୈଠକ କରିବେ ବୋଲି ଜଣାପଡିଛି।ଏହାପୂର୍ବରୁ ଆଜି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ୬ଷ୍ଠ ଥର ତାଙ୍କ ଦଳକୁ ଜିତାଇବା ପାଇଁ ଭୋଟ ମାଗିଛନ୍ତି। ଆଜି ପ୍ରଥମେ ସେ ସମରଝୋଳ ଓ ତା'ପରେ ଶେରଗଡ଼ରେ ୫ଟି ରୂପାନ୍ତରଣ ଗ୍ୟାରେଣ୍ଟି ନାଁରେ ଜନସଭା କରି ନିଜ ପାଇଁ ଓ ଦଳ ପାଇଁ ଭୋଟ୍ ମାଗିଛନ୍ତି।

## ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ବଦଳରେ ମିଳିବ ଚାଉଳ ଓ ରନ୍ଧାଖାଦ୍ୟ ଖର୍ଚ୍ଚ



ଭୁବନେଶ୍ୱର,୨୪।୪(ପି.ଏନ): ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ବର୍ତ୍ତମାନ ସମୟରେ ରାଜ୍ୟରେ ସ୍କୁଲ ବନ୍ଦ ରହିଛି । ସ୍କୁଲ ବନ୍ଦ ରହିବା ଫଳରେ ଛାତ୍ରଛାତ୍ରୀମାନେ ମଧ୍ୟାହ୍ନଭୋଜନ ପାଇବାରୁ ବଞ୍ଚିତ ହୋଇଛନ୍ତି । ତେଣୁ ଏପରି ସ୍ଥିତିରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗନ ଅଧିନରେ ଥିବା ସ୍କୁଲର ଛାତ୍ରଛାତ୍ରୀଙ୍କୁ ୧୨ଟି କାର୍ଯ୍ୟ ଦିବସ ପାଇଁ ମଧ୍ୟାହ୍ନଭୋଜନ ବଦଳରେ ଚାଉଳ ଓ ରନ୍ଧାଖାଦ୍ୟ ଖର୍ଚ୍ଚ ପ୍ରଦାନ କରାଯିବ । ବିଭାଗ ଅଧିନସ୍ଥ ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଏନେଇ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସରକାରୀ ଅନୁଦାନପ୍ରାପ୍ତ ସ୍କୁଲମାନଙ୍କରେ ଅଧ୍ୟୟନ କରୁଥିବା ୧ମରୁ ୮ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ୧୨ ଦିନର ମଧ୍ୟାହ୍ନଭୋଜନ ବାବଦରେ ଚାଉଳ ଓ ରନ୍ଧାଖାଦ୍ୟ ଖର୍ଚ୍ଚ ମିଳିବ ବୋଲି ଜିଲ୍ଲାପାଳମାନଙ୍କୁ ପଠାଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି । ମଧ୍ୟାହ୍ନଭୋଜନ ବଣ୍ଟନକୁ ନେଇ ଗଣଶିକ୍ଷା ବିଭାଗ ପକ୍ଷରୁ ନିୟମାବଳୀ ଜାରି କରାଯାଇଛି । ଏହି ଅର୍ଥ ପ୍ରଦାନ ବେଳେ ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିୟମାବଳୀକୁ ପାଳନ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି ।ଏପ୍ରିଲ ମାସ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ତିନିଦିନ ଓ ଏପ୍ରିଲ ୨୫ରୁ ମେ ୪ ପର୍ଯ୍ୟନ୍ତ ୯ ଦିନ ଧରି ସ୍କୁଲ ବନ୍ଦ ରହିବ । ତେଣୁ ବିଦ୍ୟାଳୟ ବନ୍ଦ ରହିଥିବାରୁ ପିଲାଙ୍କୁ ମଧ୍ୟାହ୍ନଭୋଜନ ଦିଆଯାଉନାହିଁ । ସେଥିପାଇଁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ଚାଉଳ ଓ ରନ୍ଧା ଖାଦ୍ୟ ବାବଦ ଖର୍ଚ୍ଚ ମିଳିବ ବୋଲି ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପିଲାଙ୍କୁ ୧୨ ଦିନର ଚାଉଳ ପ୍ରଦାନ କରିବେ । ଖରା କାରଣରୁ ପିଲାମାନେ ସ୍କୁଲକୁ ଯିବେନି । ପିଲାଙ୍କର ଅଭିଭାବକମାନେ ସ୍କୁଲକୁ ଯାଇ ପିଏମ୍ ପୋଷଣ ବାବଦ ଚାଉଳ ଗ୍ରହଣ କରିବେ । ସମସ୍ତ କାର୍ଯ୍ୟକ୍ରମରେ ସ୍ୱଚ୍ଛତା ବଜାୟ ରଖିବା ସହ କାଗଜପତ୍ର କରାଯିବ । ୧୫ ଦିନ ମଧ୍ୟରେ ଚାଉଳ ବଣ୍ଟନ ଓ ରନ୍ଧା ଖର୍ଚ୍ଚ ବାବଦ ଅର୍ଥ ପ୍ରଦାନ କରାଯିବ ।

## ୨୫ ହଜାର କୋଟି ବ୍ୟାଙ୍କ ଦୁର୍ନୀତି ଘଟଣା: ଅଜିତ ପାୱାରଙ୍କ ପତ୍ନୀଙ୍କୁ ମିଳିଲା କ୍ଲିନଚିଟ୍ ?



ଭୁବନେଶ୍ୱର,୨୪।୪(ପି.ଏନ):ବିଜେପି ସହ ହାତ ମିଳାଇ ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ହୋଇଥିବା ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରାଙ୍କୁ ବଡ ଆଶ୍ୱସ୍ତି ମିଳିଛି। ମହାରାଷ୍ଟ୍ର ପୁଲିସର ଅର୍ଥନୀତିକ ଅପରାଧ ଶାଖା ଆଜି ୨୫ ହଜାର କୋଟି ଟଙ୍କାର ମହାରାଷ୍ଟ୍ର ସମବାୟ ବ୍ୟାଙ୍କ ଦୁର୍ନୀତି ସ୍କାମରେ ସୁନେତ୍ରାଙ୍କୁ କ୍ଲିନଚିଟ୍ ଦେଇଛି। ତାଙ୍କ ବିରୋଧରେ ଏହି ବ୍ୟାଙ୍କ ଦୁର୍ନୀତି ମାମଲା ଦୀର୍ଘ ବର୍ଷ ହେଲା ଚାଲିଥିଲା ।ବିରୋଧୀ ମେଣ୍ଟରେ ଅଜିତ ପାୱାର ଥିବା ବେଳେ ଏହାକୁ ବିଜେପି ମୁଖ୍ୟ ପ୍ରସଙ୍ଗ କରିଥିଲା। ହେଲେ ଏବେ ସୁନେତ୍ରାଙ୍କୁ କ୍ଲିନଚିଟ୍ ମିଳି ଯାଇଛି।

## ଏଠି ଓଲଟା ! ପ୍ରଚାର ବେଳେ ଭୋଟରଙ୍କୁ ଟଙ୍କା ମାଗୁଛନ୍ତି ପ୍ରାର୍ଥୀ



ଭୁବନେଶ୍ୱର,୨୪।୪(ପି.ଏନ): ଶୀର୍ଷକ ପଢ଼ି ଆପଣ ସାମାନ୍ୟ ଦ୍ୱନ୍ଦ୍ୱରେ ପଡୁଥିବେ। ଭୋଟ ଆସିଲେ ସାଧାରଣତଃ ନେତାମାନେ ଭୋଟରଙ୍କୁ ଟଙ୍କା ଦିଅନ୍ତୁ। ବଡ ବଡ ପ୍ରତିଶ୍ରୁତି ଦେଇ ନିର୍ବାଚନ ବେଳେ ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରନ୍ତି। ହେଲେ ସବୁର୍ଣ୍ଣପୁରରେ କିଛି ଓଲଟା ଘଟଣା ଦେଖିବାକୁ ମିଳିଛି ।ଏଠାରେ ପ୍ରାର୍ଥୀ ହୋଇଥିବା ଜଣେ ମହିଳା ରାଜନେତାଙ୍କ ଭଳି ଗାଁ ଗାଁ ବୁଲି ନିଜ ପାଇଁ ଭୋଟ ଭିକ୍ଷା କରୁଛନ୍ତି। ଏଥିସହ ସେ ଲୋକଙ୍କୁ ଭୋଟ ସହ ଆର୍ଥିକ ସହାୟତା ମଧ୍ୟ ମାଗୁଛନ୍ତି। ଭୋଟରମାନେ ମଧ୍ୟ ନିଜ ସମ୍ବଳ ଅନୁସାରେ ତାଙ୍କୁ ଆର୍ଥିକ ସହାୟତା ସହ ଚାଉଳ ଓ ଅନ୍ୟାନ୍ୟ ଜିନିଷ ମଧ୍ୟ ଦେଉଛନ୍ତି।

## ବଢୁଛି ତାତି: ଭୁବନେଶ୍ୱର ସବୁଠୁ ଉତ୍ତପ୍ତ



ଭୁବନେଶ୍ୱର,୨୪।୪(ପି.ଏନ): ସମଗ୍ର ରାଜ୍ୟରେ ଜାରି ରହିଛି ପ୍ରଚଣ୍ଡ ଖରା। ତତଲା କଡ ?ଇରେ ସିଝିବାରେ ଲାଗିଛନ୍ତି ରାଜ୍ୟବାସୀ। ଆସନ୍ତା ସପ୍ତାହେ ଯାଏ ଏପରି ତାତିରୁ ମିଳିବ ନାହିଁ କୌଣସି ଆଶ୍ୱସ୍ତି। ଆଜି ମଧ୍ୟ ଉପକୂଳରୁ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ଅସହ୍ୟ ତାତି ସମସ୍ତଙ୍କୁ କଲବଲ କରିଛି ।ରାଜଧାନୀ ଭୁବନେଶ୍ୱର ପାଲଟିଛି ରାଜ୍ୟରୁ ସବୁଠାରୁ ତତଲା ସହର। ଏଠାରେ ଦିନ ସା?? ୨ଟା ସୁଦ୍ଧା ସର୍ବୋଚ୍ଚ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ କରାଯାଇଛି। ଗତକାଲି ରାଜଧାନୀରେ ପାରଦ ୪୧.୫ ଡିଗ୍ରୀ ରେକର୍ଡ କରାଯାଇଛି। ଏହାର ଅର୍ଥ ଦିନକରେ ତାତି ୨ ଡିଗ୍ରୀ ବୃଦ୍ଧି ପାଇଛି। ସୋମବାର ଭୁବନେଶ୍ୱର ଦେଶର ସବୁଠାରୁ ଉତ୍ତର ସହର ବନିଥିଲା। ଏଠାରେ ପାରଦ ୪୩.୮ ଡିଗ୍ରୀ ରେକର୍ଡ କରାଯାଇଥିଲା।

## ନିର୍ବାଚନରେ ଲୁଙ୍ଗି ବନାମ ଧୋତି ୱାର

ଭୁବନେଶ୍ୱର,୨୪।୪(ପି.ଏନ): ଓଡିଶା ନିର୍ବାଚନ ତାତି ବଢ଼ିବା ସହ ଲୁଙ୍ଗି ବନାମ ଧୋତି ଯୁଦ୍ଧ ତୀବ୍ର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୁଙ୍ଗି ପିନ୍ଧା କ୍ୟାମ୍ପେନ୍ ଭିଡିଓ ଭାଇରାଲ ହେବା ପରଠାରୁ ରାଜ୍ୟ ନିର୍ବାଚନୀ ପାଣିପାଗରେ ଏବେ ଟ୍ରେଣ୍ଡ କରୁଛି ଲୁଙ୍ଗି ବନାମ ଧୋତିର ଲଢ଼େଇ ।ଏମିତି ବି ଓଡିଆ ଅସ୍ମିତାକୁ ମୁଦ୍ଦା କରିଥିବା ବିଜେପି ଏହାକୁ ଏକ ବଡ ପ୍ରସଙ୍ଗ କରି ଶାସକ ଦଳକୁ ଘେରିବା ଆରମ୍ଭ କରିଛି। ସୋଶାଲ ମିଡିଆଠାରୁ ଆରମ୍ଭ କରି ଜନସାଧାରଣରେ ବି ଏହାକୁ ନେଇ ଦେଖାଦେଲାଣି ଜୋରଦାର ପ୍ରତିକ୍ରିୟା

### ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ କୋର୍ଟ ଯାଇଥିଲେ, ଏବେ ଗଣିବେ ୫ ଲକ୍ଷ

ଭୁବନେଶ୍ୱର,୨୪।୪(ପି.ଏନ): କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ମାମଲା ଦାଏର କରିଥିବା ବ୍ୟକ୍ତିଙ୍କୁ ହାଇକୋର୍ଟ ଝଟକା। ସେ ଅଶ୍ୱିନୀ ବୈଷ୍ଣବଙ୍କ ବିରୋଧରେ ଓଡିଶା ହାଇକୋର୍ଟ ଯାଇଥିଲେ। କିନ୍ତୁ କୋର୍ଟ ଏବେ ତାଙ୍କ ଉପରେ ୫ ଲକ୍ଷ ଟଙ୍କାର ଫାଇନ ଲାଗୁ କରିଛନ୍ତି। ରାଜନୀତିକ ଉଦ୍ଦେଶ୍ୟ ରଖି ମାମଲା କରାଯାଇଥିବା ଦର୍ଶାଇ ହାଇକୋର୍ଟ ମାମଲାକୁ ଖାରଜ କରିଛନ୍ତି। ଏଥିସହ ଆବେଦନକାରୀ ଭାଗ୍ୟଧର ବେହେରାଙ୍କୁ ୫ ଲକ୍ଷ ଟଙ୍କା ଜୋରିମାନା ଭାବେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜଳିଗଲା ୧୨ ବଖରା ଘର, ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସଂପତ୍ତି ପୋଡି ପାଉଁଶ



ଭୁବନେଶ୍ୱର,୨୪।୪(ପି.ଏନ): ଢେଙ୍କାନାଳ କାମାକ୍ଷାନଗରରୁ ଏକ ଭୟାବହ ଅଗ୍ନିକାଣ୍ଡ ଘଟଣା ସାମ୍ନାକୁ ଆସିଛି । ଅଁଳାବେରିଣୀ ଗାଁରେ ଏହି ଦୁର୍ଘଟଣା ଘଟିଛି । ଏଠାରେ ଅଗ୍ନିକାଣ୍ଡ ଘଟି ୧୨ ବଖରା ଘର ଜଳି ଭସ୍ମ ହୋଇଯାଇଛି । ଏହି ଅଗ୍ନିକାଣ୍ଡରେ ୪ଟି ପରିବାରର ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସଂପତ୍ତି ପୋଡି ପାଉଁଶ ହୋଇଯାଇଛି । ତେବେ ଅଗ୍ନିକାଣ୍ଡର କାରଣ ଜଣାପ

## କଂଗ୍ରେସରେ ଯୋଗଦେଲେ ବିଶ୍ୱଭୂଷଣ ଦାସ



ଭୁବନେଶ୍ୱର,୨୪।୪(ପି.ଏନ): ଆଜି କଂଗ୍ରେସରେ ବିଧିବଦ୍ଧ ଭାବରେ ଯୋଗଦେଇଛନ୍ତି ବିଶ୍ୱଭୂଷଣ ଦାସ। କିଛିଦିନ ତଳେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦେଇଥିବା ବିଶ୍ୱଭୂଷଣ ୧୫ ଦିନ ମଧ୍ୟରେ ପୁନଶ୍ଚ କଂଗ୍ରେସକୁ ଫେରିଆସିଛନ୍ତି। ପିସିସି ଅନୁସୂଚିତ ଜାତି ବିଭାଗ ଅଧକ୍ଷ ଶ୍ରୀ ବାଙ୍କନିଧି ବେହେରା ଓ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ମୁଖପାତ୍ର ଶ୍ରୀ ମନୋରନ ଦାଶଙ୍କ ଉପସ୍ଥିତିରେ ଆଜି କଂଗ୍ରେସରେ ଯୋଗଦେଇଛନ୍ତି ଶ୍ରୀ ଦାସ। ଯୋଗଦାନ ପରେ ତାଙ୍କ ପ୍ରତିକ୍ରିୟାରେ ଶ୍ରୀ ଦାସ କହିଥିଲେ ମୁଁ ଦୀର୍ଘ ୩୦ ବର୍ଷ ହେଲା ଛାତ୍ର କଂଗ୍ରେସ, ଯୁବ କଂଗ୍ରେସ ଓ ପିସିସିରେ କାର୍ଯ୍ୟକର୍ତ୍ତା ହିସାବରେ ଶୃଙ୍ଖଳିତ ଭାବେ କଂଗ୍ରେସ ଦଳରେ କାର୍ଯ୍ୟକରି ଆସୁଥିଲି। ମୁଁ ଅତି ସାଧାରଣ ପରିବାରରୁ ଆସିଛି। କାକଟପୁର ନିର୍ବାଚନ ମଣ୍ଡଳୀରର ଦଳୀୟ କଂଗ୍ରେସ ପ୍ରତିନିଧି ଭାବେ କଂଗ୍ରେସ କର୍ମିମାନଙ୍କ ସହ କାକଟପୁର ବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଛି। କାକଟପୁର ନିର୍ବାଚନ ମଣ୍ଡଳୀରେ ଉଭୟ ବିଜେପି ଓ ବିଜେଡ଼ି ବିପୁଳ ଅର୍ଥ ଖର୍ଚ୍ଚ କରି ନିର୍ବାଚନ ଲଢନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଜିତିବା ପାଇଁ ବିଜେପି ଦଳ ମୋତେ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ କାକଟକପୁର ବାସୀଙ୍କର ସ୍ୱାର୍ଥ ପାଇଁ ବିଜେପି ଦଳରେ ଯୋଗ ଦେବା ନିହାତି ଦରକାର ବୋଲି ପ୍ରବର୍ତାଇ ଥିଲେ। ମୁଁ ମଧ୍ୟ ଦୁର୍ବଳ ମୁହୂର୍ତ୍ତରେ ଠିକ ବିଚାର କରିନପାରି କାକଟପୁରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଜେପି ଭଳି ଦଳରେ ମିଶିବା ପାଇଁ ମୋର ଜୀବନର ସବୁଠୁ ବଡ଼ ଭୁଲ ନିଷ୍ପତି ନେଇଥିଲି। ମିଶିଲା ପରେ ବିଜେପି ନେତୃତ୍ୱଙ୍କ ଏଜେଣ୍ଡା ପ୍ରତି ମୋର ସନ୍ଦେହ ସୃଷ୍ଟି ହେଲା। କାକଟପୁର ଏକ ଶାଂପ୍ରିୟ ଅଂଚଳ ଭାବେ ନିଜର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ବଜାୟ ରଖିଛି। ଏଠାରେ ମା' ମଙ୍ଗଳା ପୀଠ, ପ୍ରାଚୀ ନଦୀ କୂଳରେ ସାଧୁସନ୍ଥଙ୍କ ମଠ, ମହିମା ଧର୍ମ ଗାଦି ଜାହାନିଆଁଙ୍କ ପୀର ପୀଠ ପ୍ରଭୃତି ରହିଅଛି। ଏଠାରେ ବିଭିନ୍ନ ଜାତି, ଧର୍ମ ଓ ବର୍ଣ୍ଣର ଲୋକ ଶାନ୍ତି ସଦଭାବନାରେ ବସବାସ କରନ୍ତି। କିନ୍ତୁ ବିଜେପି ମୋ ମାଧମରେ ଏହି ଶାନ୍ତି ସଦ୍‌ଭାବନାକୁ ଭଙ୍ଗ କରି ସାମ୍ପ୍ରଦାୟିକତା ସୃଷ୍ଟି କରିବାକୁ ଉଦ୍ଦେଶ୍ୟ ରଖିଥିବ ବୋଲି ମୁଁ ଅନୁଭବ କଲି। ମିଶିବାର ସପ୍ତାହ ମଧ୍ୟରେ ବିଜେପିରୁ ଇସ୍ତଫା ଦେବା ପାଇଁ ମୁଁ ନିଷ୍ପତି ନେଇସାରିଥିଲି। ଟିକେଟ ନ ପାଇଁ ଇସ୍ତଫା ଦେଲି ବୋଲି ଯେଉଁ ମାନେ କହୁଛନ୍ତି ତାହା ସଂପୂର୍ଣ୍ଣ ମିଥ୍ୟା ଓ ଭିତିହୀନ। ମୁଁ ପୂର୍ବ ନିର୍ବାଚନରେ ୪୭ ହଜାର ପାଖାପାଖି ଭୋଟ ପାଇଥିଲି। ବିଜେପି ଦଳ ସେହି ଭୋଟକୁ ହାତେଇବା ପାଇଁ ମୋତେ ନିଶ୍ଚିତ ଭାବେ ଟିକେଟ ପ୍ରଦାନ କରିବାର ଯୋଜନା କରିଥିଲେ, ସେଥିପାଇ ମୋତେ ଦଳରେ ମଧ୍ୟ ମିଶାଇଥିଲେ। ମିଶିବା ପରେ ସେମାନେ ମୋର ଆଦର୍ଶକୁ ଜାଣି ସାରିଥିଲେ ଓ ନାମ ପ୍ରାର୍ଥୀ ଭାବେ ବିଜେପି ଘୋଷଣା କରିବା ପୂର୍ବରୁ ଦଳ ଛାଡ଼ିବି ବୋଲି ସେମାନେ ପୂର୍ବାନୁମାନ କରିସାରିଥିଲେ। ସେଥିପାଇଁ ପାଇଁ ସେମାନେ ତରବରିଆ ଭାବେ ଅନ୍ୟ ଜଣଙ୍କୁ ପ୍ରାର୍ଥୀ ଭାବେ ଘୋଷଣା କଲେ। ମୋର କଂଗ୍ରେସ ଦଳକୁ ପ୍ରତ୍ୟାବର୍ତନ କରିବାର ବ୍ୟାକୁଳତା ଏତେ ଥିଲା ଯେ ଇସ୍ତଫା ଦେବା ସଂଗେ ସଂଗେ ମୁଁ କାକଟପୁର ବାସୀ ଓ ଶୀର୍ଷ ନେତୃତ୍ୱ ମାନଙ୍କ ନିକଟ ଯାଇ ମୋର ଏହି ବଡ଼ ଭୁଲ ପାଇଁ କ୍ଷମା ପ୍ରାର୍ଥନା କରିଥିଲି ଓ ମୋତେ ଅତିଶୀଘ୍ର ନିଜର ପରିବାରକୁ ଫେରାଇବା ପାଇଁ ନିବେଦନ କରିଥିଲେ। ଆଜି ମୋର ପ୍ରିୟ ଓ ବରିଷ୍ଠ ନେତାଗଣଙ୍କ ଉପସ୍ଥିତିରେ ପୁନଃ କଂଗ୍ରେସରେ ଯୋଗ ଦାନ କରୁଛି। ମୋର ଏଭଳି ଗୁରୁତ୍ୱର ରାଜନୈତିକ ନିଷ୍ପତିପାଇଁ ମୁଁ କାକଟପୁର କଂଗ୍ରେସ ପରିବାର ଓ ବୃହତର କାକଟପୁର ପରିବାରଙ୍କ ନିକଟରେ କ୍ଷମା ମାଗୁଛି ମୋ ଘରକୁ ମୁଁ ଫେରିଛି ମୋତେ ଆଦିରି ନେବାକୁ ସମସ୍ତଙ୍କୁ ସବିନୟ ଅନୁରୋଧ କରୁଛି। କାକଟପୁର ବାସୀଙ୍କ ଜଣେ ସେବକ ଭାବେ କଂଗ୍ରେସ ଦଳପକ୍ଷରୁ ପୂର୍ବ ଭଳି କାମ କରିବାକୁ ମୋତେ ସୁଯୋଗ ମଳିବ- ଏ ବିଶ୍ୱାସ ପୋଷଣ କରୁଛି। ଦଳ ମୋତେ କୋଳରେ ନେଇଥିବାରୁ ମୁଁ ପିସିସି ସଭାପତି ଶରତ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ଓ ସମସ୍ତ କଂଗ୍ରେସ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଉଛି।

## ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ଯୋଜନା: ଗ୍ରୀଷ୍ମ ଛୁଟିରେ 'ହଲିଡେ ହୋମୱାର୍କ' କରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୨୪।୪(ପି.ଏନ): ଏପ୍ରିଲ ମାସ ୧୮ରୁ ୨୦ ପର୍ଯ୍ୟନ୍ତ ତିନି ଦିନ ସ୍କୁଲ ବନ୍ଦ ରହିଥିବା ବେଳେ ଏପ୍ରିଲ ୨୫ରୁ ରାଜ୍ୟରେ ଗ୍ରୀଷ୍ମ ଛୁଟି ଆରମ୍ଭ ହେବାକୁ ଯାଉଛି । ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲଗୁଡିକ ପାଇଁ ଆଗୁଆ ଗ୍ରୀଷ୍ମ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର । ତେବେ ଏପରି ସ୍ଥିତିରେ ରାଜ୍ୟ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍କୁଲର ସମସ୍ତ କାର୍ଯ୍ୟ ପରିଚାଳିତ ହେବ ।ଏନେଇ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି । ଏ ବାବଦରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଅବଗତ କରଯାଇଛି । ଗ୍ରୀଷ୍ମ ଛୁଟିରେ ଛାତ୍ରଛାତ୍ରୀଙ୍କୁ ବିବିଧ ବିଷୟଭିତ୍ତିକ କାର୍ଯ୍ୟ ତଥା ନିଜର ଦକ୍ଷତା ଓ କୌଶଳ ଅଭିବୃଦ୍ଧି ପାଇଁ କେତେକ ଅବସରକାଳୀନ ଗୃହକାର୍ଯ୍ୟ (ହଲିଡେ ହୋମୱାର୍କ) ପ୍ରତିବର୍ଷ ଦିଆଯାଉଛି । ଏହାଦ୍ୱାରା ଛାତ୍ରଛାତ୍ରୀମାନେ ସେମାନଙ୍କର ସମୟର ସଦୁପଯୋଗ କରିପାରିବେ ।ଗ୍ରୀଷ୍ମ ଛୁଟିରେ ଏହି ହଲିଡେ ହୋମୱାର୍କକୁ ରିସୋର୍ସ ଟିଚର ପ୍ରସ୍ତୁତ କରିବେ ଓ ପ୍ରଧାନଶିକ୍ଷକ ସମସ୍ତ ଛାତ୍ରଛାତ୍ରୀଙ୍କୁ ବଣ୍ଟନ କରିବେ । ଛାତ୍ରଛାତ୍ରୀଙ୍କର କୌଣସି ଡାଉଟ୍ ଥିଲେ ସେମାନେ ଶ୍ରେଣୀ ଶିକ୍ଷକଙ୍କୁ ଟେଲିଫୋନ କରି ନିଜର ସନ୍ଦେହ ଦୂର କରିପାରିବେ।

## ଯୁବକଙ୍କ ପାଟିରେ ବନ୍ଧୁକ ପୁରାଇ ଲୁଟ୍, ସିସିଟିଭି ଆଧାରରେ ପୋଲିସର ତଦନ୍ତ

ଭୁବନେଶ୍ୱର,୨୪।୪(ପି.ଏନ): ବିଭିନ୍ନ ପ୍ରକାର ଆଳ ଦେଖାଇ ଜଣେ ଯୁବକ ବାଲେଶ୍ୱର ଜିଲ୍ଲା ସୋର ଅଂଚଳର ଲୋକଙ୍କ ଠାରୁ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ କରିଥିବା ଅଭିଯୋଗରେ ପୁଲିସ ଗିରଫ ସହ କୋର୍ଟ ଚାଲାଣ କରିଛି। ଏନେଇ ସୋର ପୁଲିସ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି ।ସୂଚନା ଅନୁସାରେ ସୋର ଥାନା ମାଣତ୍ରୀ ପଂଚାୟତ ମାଣତ୍ରୀ ଗ୍ରାମର ରମେଶ ଚନ୍ଦ୍ର ପାଢ଼ୀ ୨୦୧୯ ମସିହାରେ ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମର ସଞ୍ଜୟ କୁମାର ପଣ୍ଡା ଓ ତାଙ୍କର ୨୨ ଜଣ ସାଥୀଙ୍କୁ ବ୍ୟାଙ୍କରେ ଚାକିରି କରାଇଦେବାର ଆଳ ଦେଖାଇ ପ୍ରତ୍ୟେକଙ୍କ ଠାରୁ ୩ ଲକ୍ଷ ଲେଖାଏଁ ଟଙ୍କା ନେଇଥିଲେ। କିଛିଦିନ ପରେ ଚାକିରି ମିଳିବାର କୌଣସି ସୂଚନା ନମିଳିବାରୁ ଶ୍ରୀ ପଣ୍ଡା ଓ ତାଙ୍କର ସାଥୀମାନେ ରମେଶଙ୍କୁ ଧରିବାରୁ ସେ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ପରେ ଏ ବାବଦରେ କୌଣସି ବିଜ୍ଞାପନ ଆସିନଥିବା ବ୍ୟାଙ୍କ ପକ୍ଷରୁ ସୂଚନା ପାଇବା ପରେ ଶ୍ରୀ ପଣ୍ଡାଙ୍କ ସମେତ ଅନ୍ୟ ସାଥୀମାନେ ଠକେଇର ଶିକାର ହୋଇଥିବା ଜାଣିପାରି ସୋର ଥାନାରେ ଏତଲ ଦେଇଥିଲେ। ସେହିଭଳି ଭାବେ ସୋର ଅଞ୍ଚଳର ଶୁଶାନ୍ତ କୁମାର ଦାସଙ୍କ ଠାରୁ ୨୦୧୫ ମସିହାରେ କିରୋସିନ ଡିଲରସିପ କରାଇଦେବାର ଆଳ ଦେଖାଇ ୫୮ ଲକ୍ଷ ଟଙ୍କା ଠକିଥିବା ଶ୍ରୀ ଦାସ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପରେ ପୁଲିସ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ରମେଶଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଗତକାଲି ବିଳମ୍ବିତ ରାତିରେ ପୁଲିସ ତାଙ୍କୁ ଭଦ୍ରକ ଅଂଚଳରୁ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି ।ଅଭିଯୁକ୍ତ ରମେଶଙ୍କ ନାମରେ ସୋର ଥାନାରେ ୯ଟି ଓ କେଉଁଝର ଟାଉନ ଥାନାରେ ଗୋଟିଏ ଠକେଇ ମାମଲା ଥିବା ପୁଲିସ ପକ୍ଷରୁ ସୂଚନା ମିଳିଛି। ସେହିପରି ୨୦୧୨ ମସିହାରେ ମଧ୍ୟ ରେମୁଣା ବିଧାୟକ ସୁଦର୍ଶନ ଜେନାଙ୍କ ଲେଟରପେଡ ବ୍ୟବହାର କରି ଚାକିରି କରାଇଦେବା ନାଁରେ ଠକେଇ କରିଥିବା ନେଇ ଅଭିଯୋଗ ହୋଇଥିଲା। ପୁଲିସ ତାଙ୍କୁ ରିମାଇଣ୍ଡରରେ ଆଣି ଅଧିକ ତଦନ୍ତ ଆରମ୍ଭ କରିବ ବୋଲି ଏସ୍‌ଡ଼ିପିଓ ଡ଼ ଶଶାଙ୍କ ଶେଖର ବେଉରା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କନୌଜରୁ ଲୋକସଭା ନିର୍ବାଚନ ଲଢ଼ିବେ ଅଖିଳେଶ ଯାଦବ



ଭୁବନେଶ୍ୱର,୨୪।୪(ପିଏନ):ସମାଜବାଦୀ ପାର୍ଟିର ମୁଖ୍ୟ ତଥା ବିଧାୟକ ଭାବେ କାର୍ଯ୍ୟ କରୁଥିବା ଅଖିଳେଶ ଯାଦବ ଲୋକସଭା ନିର୍ବାଚନ ଲଢ଼ିବେ। ସେ ଉତ୍ତର ପ୍ରଦେଶ କନୌଜ ଆସନରୁ ପ୍ରାର୍ଥିପତ୍ର ଦାଖଲ କରିବେ ବୋଲି ଆଜି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଆସନରୁ ଅଖିଳେଶ ପୂର୍ବରୁ ୩ଥର ଜିତିଥିଲେ। ସେହିପରି ତାଙ୍କ ପତ୍ନୀ ଡିମ୍ପଲ ଓ ବାପା ମୁଲାୟମ ସିଂହ ଯାଦବ ମଧ୍ୟ ଏହି ଆସନରୁ ଜିତିଥିଲେ। ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି ଯେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ଆସନ୍ତାକାଲି ମଧ୍ୟାହ୍ନରେ କନୌଜ ଆସନ ପାଇଁ ନାମାଙ୍କନ ଦାଖଲ କରିବେ। ୨୦୧୯ରେ ଅଖିଳେଶ ଆଜମଗଡ ଲୋକସଭା ଆସନରେ ଜିତିଥିଲେ। କିନ୍ତୁ ୨୦୨୨ ବିଧାନସଭା ନିର୍ବାଚନରେ ସେ କରହାଲ ଆସନରୁ ଜିତିବା ପରେ ସାଂସଦ ପଦରୁ ଇସ୍ତଫା ଦେଇଥିଲେ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି

ବାପା-କିଏ କିଏ ଆସୁଛନ୍ତି ?

ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ରୋବଟ କରେ ହୋଟେଲ କାମ

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି । ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ




ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସଓ୍ୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆମ୍ଭକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।




# ହିନ୍ଦୀ ପାଇଁ ଗାର୍ଡିଆନର ଗାତ୍ରଦାହ

ଦେଶବାସୀ ଭିନ୍ନ ଭାଷାଭାଷୀ ହୋଇଥିବାରୁ ଦେଶର ସବୁ ଶିକ୍ଷା କେବଳ ଇଂରାଜୀରେ ନୁହେଁ ଆଞ୍ଚଳିକ ଭାଷାରେ ହେବାର ବ୍ୟବସ୍ଥା କରାଗଲେ ଅଧିକରୁ ଅଧିକ ଲୋକେ ସଚେତନ ହେବେ, ଶିକ୍ଷା ପାଉଥିବା ପିଲାମାନେ ଭାଷାଗତ ଅସୁବିଧାରୁ ରକ୍ଷା ପାଇବା ସହ ନିଜ ଭାଷାରେ ଲୋକଙ୍କୁ ବୁଝାଇବା ସହଜ ହେବ । ଏପରିକି ଡାକ୍ତରଙ୍କ ଔଷଧ ବିଷୟରେ ଜାଣିବା ସାଧାରଣ ବ୍ୟକ୍ତି ପାଇଁ ସହଜ ହେବ ବୋଲି ଯୁକ୍ତି ଦର୍ଶାଇ ଚଳିତବର୍ଷରୁ ଏଥିପାଇଁ ପଦକ୍ଷେପ ନେବା ଆରମ୍ଭ ହୋଇଛି । ନିକଟରେ ମଧ୍ୟପ୍ରଦେଶ ସରକାର ନିଜ ରାଜ୍ୟରେ ହିନ୍ଦୀ ଭାଷାରେ ଡାକ୍ତରୀ ଶିକ୍ଷା ପ୍ରଦାନ କରାଯିବାକୁ ଘୋଷଣା କରିବା ପରେ ଉତ୍ତର ପ୍ରଦେଶ ଏବଂ ଉତ୍ତରାଖଣ୍ଡର ସରକାର ମଧ୍ୟ ନିଜ ରାଜ୍ୟରେ ଖୁବ୍ ଶିଘ୍ର ହିନ୍ଦୀରେ ଡାକ୍ତରୀ ଶିକ୍ଷା ପ୍ରଚଳନ କରିବେ ବୋଲି ଘୋଷଣା କରିସାରିଲେଣି । ଠିକ୍ ଏହି ସମୟରେ ୨୨ ଅକ୍ଟୋବର ୨୦୨୨ରେ ବ୍ରିଟେନର "ଦି ଗାର୍ଡିଆନ" ସମ୍ବାଦପତ୍ରରେ ନୂଆଦିଲ୍ଲୀର ଅମ୍ରିତ ଧିଲୋଁଙ୍କ ଦ୍ୱାରା ଲିଖିତ ଲେଖାଟି ଦେଖିବାର ସୁଯୋଗ ମିଳିଲା । ଏଥିରେ ଭାରତୀୟ ଭାଷାରେ ଚିକିତ୍ସା ଶାସ୍ତ୍ରର ପଠନ ଇଂରାଜୀ ବିନା ସମ୍ଭବ ନୁହେଁ ବୋଲି ପ୍ରତ୍ୟୟ କରିବା ପାଇଁ ଯୁକ୍ତି ଦର୍ଶାଯାଇ ଯେପରି ଇଂରେଜ ଶାସନକାଳର ନାମ ପରିବର୍ତ୍ତନକୁ ଆଣି ଯୋଡାଯାଇଛି ତାହା ଏହି ସମ୍ବାଦପତ୍ରର ଗାତ୍ରଦାହୀ ଆଭିମୁଖ୍ୟକୁ ସ୍ପଷ୍ଟ କରୁଛି । ଏଥିରୁ ପ୍ରକୃତରେ କିପରି ଆମେରିକା ଏବଂ ୟୁରୋପର କ୍ଷତି ହେବ ତାହା ମଧ୍ୟ ବେଶ୍ ଜଣାପଡିଲାଣି ।

ଏଥିରେ କୁହାଯାଇଛି ଯେ ଗତ ଆଠବର୍ଷ ହେଲା ସରକାରକୁ ଆସିବା ପରଠାରୁ ନରେନ୍ଦ୍ର ମୋଦି, ଅମିତ ଶାହ ଏବଂ ଅନ୍ୟ ଭାରତୀୟ ଜନତାପାର୍ଟି ନେତାମାନେ ଉତ୍ତର ଭାରତର ଭାଷା ହିନ୍ଦୀ ସପକ୍ଷରେ କହିଆସୁଛନ୍ତି । ତେବେ ଆଜି ହିନ୍ଦୀ କେବଳ ଉତ୍ତର ଭାରତର ଭାଷା ଭାବେ ସୀମିତ ନରହି ଭାରତର ରାଷ୍ଟ୍ରଭାଷା ମାନ୍ୟତା ଲାଭ କରିଛି । ତେଣୁ ଦେଶର ହିନ୍ଦୀ ସିନେମା ଉତ୍ତର ଭାରତରେ ନିର୍ମିତ ନହୋଇ ପଶ୍ଚିମ ଭାରତର ମହାରାଷ୍ଟ୍ରରେ ହୋଇଆସୁଛି । ବଲିଉଡର କେନ୍ଦ୍ର ନୂଆଦିଲ୍ଲୀ, ଲକ୍ଷ୍ନୌ, ଭୋପାଳ ନ ହୋଇ ମୁମ୍ବାଇ ରହିଆସିଛି । ବଲିଉଡର ସିନେମାରେ ପାକିସ୍ତାନୀ ମୂଳର ଶାହରୁଖ ଖାଁଙ୍କଠାରୁ ଆଫଗାନୀ ପାସ୍ତୁନ ଆମଜାଦ୍ ଖାଁଙ୍କ ପର୍ଯ୍ୟନ୍ତ ଅନେକ ବିଦେଶୀ ମୂଳର କଳାକାର ସଫଳତାର ସହ କାର୍ଯ୍ୟ କରିଆସିଛନ୍ତି । ବଲିଉଡର ଏହି ସଫଳତା ଭାରତ ଭିତରେ ସୀମିତ ନରହି ବିଶ୍ୱବ୍ୟାପି ହୋଇଛି । ଭାରତ ବାହାରେ ପୃଥିବୀର ଅନେକ ଦେଶର ଲୋକେ ବଲିଉଡ ସିନେମା ଦେଖି ହିନ୍ଦୀକୁ ବୁଝିବା ପାଇଁ ସକ୍ଷମ ହୋଇଛନ୍ତି । କେନ୍ଦ୍ର ଏସିଆ, ମଧ୍ୟପ୍ରାଚ୍ୟ ଏସିଆ, ୟୁରୋପଠାରୁ ଆଫ୍ରିକା ପର୍ଯ୍ୟନ୍ତ ବଲିଉଡର ପ୍ରଭାବ ରହିଛି । ଏକଶହରୁ ଅଧିକ ଦେଶରେ ଆଜି ହିନ୍ଦୀ ଭାଷା ଶିକ୍ଷା ଦିଆଯାଉଛି । ବିଶ୍ୱବିଦ୍ୟାଳୟଗୁଡିକରେ ହିନ୍ଦୀ ଗବେଷଣା ପାଇଁ ଡିଗ୍ରୀ ମଧ୍ୟ ପ୍ରଦାନ କରାଯାଉଛି । ଆଜି ହିନ୍ଦୀ ଭାରତର ରାଷ୍ଟ୍ରଭାଷାରୁ ବିଶ୍ୱର ଭାଷା ହେବା ଦିଗରେ ଆଗେଇ ଚାଲିଛି । ଏହି ସଫଳତାକୁ ଦେଖି ଯଦି ଦେଶର ପ୍ରଧାନମନ୍ତ୍ରୀ ଭାରତୀୟମାନଙ୍କୁ ବିଦେଶୀ ଶାସିତ ବା ଉପନିବେଶକାରୀ ମାନସିକତା ମଧ୍ୟରୁ ମୁକ୍ତି ପାଇବାକୁ ଆହ୍ୱାନ ଦେଉଛନ୍ତି ତାହା ଦେଶ ଜନତାଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ବୋଲି ଗ୍ରହଣ କରାଯିବ । କାରଣ ଦେଶରେ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଶାସନ, ପ୍ରଶାସନ, ବିଚାର ଆଦି ହିନ୍ଦୀ କିମ୍ବା ସ୍ଥାନୀୟ ଭାଷାରେ ସବୁଠି ନହୋଇ ଇଂରାଜୀ ମାଧ୍ୟମରେ ହେବା ଦ୍ୱାରା ପ୍ରଶାସନିକ କଳର ଫାଇଲଠାରୁ ଆରମ୍ଭ କରି ଓକିଲଙ୍କ ଫାଇଲ ପର୍ଯ୍ୟନ୍ତ ସାଧାରଣ ଲୋକେ ବୁଝିବା ସମ୍ଭବପର ହୋଇପାରିନାହିଁ । ଯେଉଁଥିପାଇଁ ସାଧାରଣ ଲୋକେ ଠିକଣା ଭାବରେ ନ୍ୟାୟ ପାଇବା କଷ୍ଟକର ହୋଇଛି । ଏସବୁ ଅସୁବିଧାକୁ ଦୃଷ୍ଟିରେ ରଖି ସରକାର ସବୁକିଛି ବ୍ୟବସ୍ଥାକୁ ଲୋକଙ୍କ ନିକଟତର କରିବାଲାଗି ପ୍ରୟାସ ଜାରି ରଖିଛନ୍ତି । କେବଳ ସ୍ୱଚ୍ଛଳବର୍ଗ, ଶିକ୍ଷିତବର୍ଗ, ଧନୀବର୍ଗ ନୁହଁନ୍ତି ସାଧାରଣ ଗରିବବର୍ଗର ଲୋକେ କିପରି ଦେଶର ବ୍ୟବସ୍ଥାରେ ଅଂଶୀଦାର ହେବେ ସେଥିପାଇଁ ସରକାରଙ୍କ ଉଦ୍ୟମ ଜାରିରହିଛି । ଏହା ବ୍ୟବସ୍ଥା ପରିବର୍ତ୍ତନର ସଫଳତମ ଅଧ୍ୟାୟ, ବ୍ୟବସ୍ଥାକୁ ଭାରତମୁଖୀ କରାଇବା ଏହାର ଉଦ୍ଦେଶ୍ୟ ।

ଚଳିତ ମାସ ମହାରାଷ୍ଟ୍ରର ସରକାର "ହେଲୋ" ବଦଳରେ ସରକାରୀ କର୍ମଚାରୀ "ବନ୍ଦେ ମାତରମ୍" କହି ସ୍ୱାଗତ କରିବାକୁ କହିଛନ୍ତି । ଗଣତନ୍ତ୍ର ଦିବସ ପରେଡର ବାଦ୍ୟଧ୍ୱନ ମଧ୍ୟରୁ ବ୍ରିଟିସକାଳର "ଏବାଇଡ ୱିଥ୍ ମି"କୁ ହଟାଇ ଦିଆଯାଇଛି । ନୌସେନା ବାହିନୀର ପତାକାରୁ ଇଂରେଜକାଳର କ୍ରୁସ ଚିହ୍ନକୁ ବାଦ୍ ଦିଆଯାଇଛି । ଦେଶର ଅନେକ ସ୍ଥାନ, ସଡକ, ଷ୍ଟେସନ, ଅନୁଷ୍ଠାନଗୁଡ଼ିକର ନାମକୁ ବଦଳାଯାଇଛି ।

"ଦି ଗାର୍ଡିଆନ" କହିବାନୁସାରେ ଯେଉଁପରି ଭାରତର ଡାକ୍ତରମାନେ ବିଦେଶରେ ୟୁରୋପ, ଆମେରିକା, ମଧ୍ୟପ୍ରାଚ୍ୟ, ଏସିଆରେ ନିଯୁକ୍ତି ପାଉଥିଲେ ସେଭଳି ଆଉ ପାଇପାରିବେ ନାହିଁ । ଏହା ଫଳରେ ସେମାନେ କ୍ଷତିଗ୍ରସ୍ତ ହେବେ । ଗାର୍ଡିଆନର କହିବାର ଅର୍ଥ ଭାରତ ସବୁଦିନ ଇଂରେଜୀ ମାଧ୍ୟମରେ ଡାକ୍ତରୀ ଶିକ୍ଷା ଦେବାପାଇଁ ଅର୍ଥ ଖର୍ଚ୍ଚ କରୁ ଆଉ ୟୁରୋପ-ଆମେରିକା ସେମାନଙ୍କ ଡାକ୍ତରଖାନାରେ ସେମାନଙ୍କୁ ନିଯୁକ୍ତି ଦେଇ ସବୁଦିନ ସେବା ପାଉଥାଆନ୍ତୁ । ଏହା ଉପନିବେଶବାଦୀ ବିଚାର ଭିନ୍ନ ଅନ୍ୟ କିଛି ନୁହେଁ । କାରଣ ଭାରତରେ ଡାକ୍ତର ବାହାର କରିବା ପାଇଁ ସରକାର ସାଧାରଣ ଜନତାଙ୍କର ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରୁଥିବା ସମୟରେ ସେମାନେ ଶିକ୍ଷା ଲାଭ କରି ବିଦେଶରେ ନିଯୁକ୍ତି ପାଇବା ପରେ ସେଠାକାର ନାଗରିକତ୍ୱ ଗ୍ରହଣ କରି ସ୍ଥାୟୀ ବାସିନ୍ଦା ହେଉଛନ୍ତି । ଫଳରେ ଭାରତର ଜନସାଧାରଣଙ୍କ ଅର୍ଥର ଭରଣା ହୋଇପାରୁ ନାହିଁ । ଯେଉଁ କାରଣରୁ ସ୍ୱାଧୀନତା ପରବର୍ତ୍ତୀ କାଳରେ ଆଜିଯାଏଁ ଆବଶ୍ୟକ ତୁଳନାରେ କମ୍ ସଂଖ୍ୟାରେ ଡାକ୍ତର ଭାରତରେ କାର୍ଯ୍ୟ କରୁଛନ୍ତି । ଅଥଚ ବ୍ରିଟେନର ସ୍ୱାସ୍ଥ୍ୟସେବାରେ ଭାରତୀୟ ମୂଳର ଡାକ୍ତରମାନେ ଭରି ରହିଛନ୍ତି । ଆମେରିକାର ଅନେକ ଡାକ୍ତରଖାନାରେ ଭାରତୀୟ ଡାକ୍ତର କାର୍ଯ୍ୟରତ । ଅନ୍ତତଃପକ୍ଷେ ହିନ୍ଦୀଭାଷୀ ଡାକ୍ତରମାନେ ଶିକ୍ଷାଲାଭ ପରେ "ଉଡନ୍ ଛୁ" ନହୋଇ ଭାରତର ଡାକ୍ତରଖାନାରେ ନିଯୁକ୍ତ ହେବେ ଏହା ନିଶ୍ଚିତ । ସରକାର ସେହି ଲକ୍ଷ୍ୟରେ ଏହି ପାଠ୍ୟକ୍ରମ ଆରମ୍ଭ କରିଛନ୍ତି ।

'ଦି ଗାର୍ଡିଆନ'ର ଅନ୍ୟ ଏକ ଯୁକ୍ତି ହେଲା ଯେ ୯୭ ଜଣିଆ ସେନାବାହିନୀ (ଅନୁବାଦକ) ଗତ ନଅମାସ ଧରି ଚିକିତ୍ସାଶାସ୍ତ୍ରକୁ ବୁଝାଇବା ଲାଗି ବିଜ୍ଞ ହିନ୍ଦୀଶବ୍ଦ ଖୋଜିବାର ଅନୁଷ୍ଠାନ ଚଳାଇ ଆସିଥିଲେ । ମଧ୍ୟପ୍ରଦେଶର ୧୩ ଡାକ୍ତରୀ କଲେଜରେ ଚଳିତବର୍ଷ ନଭେମ୍ବର ମାସରୁ ହିନ୍ଦୀ ଶିକ୍ଷାଦାନ ଆରମ୍ଭ ହେବ । କିନ୍ତୁ ପ୍ରକୃତରେ ଏହି ଶିକ୍ଷା ଅକ୍ଟୋବର ମାସରୁ ଆରମ୍ଭ ହୋଇଗଲାଣି । ଗାର୍ଡିଆନର ଲେଖକ ପୁଣି କହିଛନ୍ତି ଯେ ଯେଉଁ ଛାତ୍ରଛାତ୍ରୀମାନେ ଅନର୍ଗଳ ଇଂରାଜୀ କହିବାରେ ଦୁର୍ବଳ ସେମାନେ ମୋଦିଙ୍କୁ ନିଶ୍ଚିତ ଭାବେ ସମର୍ଥନ କରିବେ । ୨୦୨୦ରୁ ଆୟୁର୍ବେଦ ଚିକିତ୍ସକମାନେ ଶଲ୍ୟ ଚିକିତ୍ସା (ସର୍ଜରୀ) କରିପାରିବେ ବୋଲି ସରକାର ଅନୁମତି ଦେବା ଭୟଙ୍କର ବୋଲି ଗାର୍ଡିଆନ କହିଛି । କିନ୍ତୁ ଅତୀତରୁ ଆଜିଯାଏ ଏହି ଚିକିତ୍ସାଶାସ୍ତ୍ରରେ ଶଲ୍ୟ ବ୍ୟବସ୍ଥା ରହିଆସିଛି । ସଫଳ ଅର୍ଶ ଚିକିତ୍ସା ଆୟୁର୍ବେଦର ଶଲ୍ୟ ମାଧ୍ୟମରେ କରାଯାଉଥାଏ । କେବଳ ନିଜ ଆଭିମୁଖ୍ୟକୁ ପ୍ରତିଷ୍ଠା ଦେବା ଉଦ୍ଦେଶ୍ୟରେ କିଛି ହାତଗଣା ଡାକ୍ତରଙ୍କ ମତକୁ ଏଥିରେ ସାମିଲ କରାଯାଇଛି ଯେଉଁମାନେ ହିନ୍ଦୀ ମାଧ୍ୟମରେ ଚିକିତ୍ସା ଶିକ୍ଷା ବିଫଳ ହେବ ବୋଲି ଯୁକ୍ତି ବାଢ଼ିଛନ୍ତି । ଏଠାରେ କହିବା କଥା ଯେ ରୁଷିଆ ସମେତ ଜାପାନ ଏବଂ ୟୁରୋପର ଅନେକ ରାଷ୍ଟ୍ରରେ ନିଜ ଭାଷାରେ ଚିକିତ୍ସା ଶିକ୍ଷା ଦିଆଯାଇଆସୁଛି । ସଫଳତାର ସହ ସେସବୁ ଦେଶରେ ଚିକିତ୍ସକମାନେ କାର୍ଯ୍ୟକରିବା ସହ ନୂତନ ଗବେଷଣାର ପଥପ୍ରଦର୍ଶକ ମଧ୍ୟ ହୋଇଛନ୍ତି । ଏହି ଖବରକାଗଜର ଇତିହାସକୁ ଦେଖିଲେ ଦି ମାଞ୍ଚେଷ୍ଟର ଗାର୍ଡିଆନ ୧୮୨୧ରୁ ୧୯୫୯ ପର୍ଯ୍ୟନ୍ତ ମାଞ୍ଚେଷ୍ଟରରୁ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଉଥିଲା, ଯାହା ଷ୍ଟାମ୍ପ ଟିକସ ଛାଡପରେ ୧୯୫୯ରୁ ଦୈନିକ ସମ୍ବାଦପତ୍ର ଭାବେ ପ୍ରକାଶ ପାଉଛି । ୧୯୬୪ରୁ ଏହାର କାର୍ଯ୍ୟାଳୟ ଲଣ୍ଡନକୁ ଚାଲିଆସିଛି । 'ଦି ସ୍କଟ ଟ୍ରଷ୍ଟ' ମାଲିକାନାରେ ପ୍ରକାଶିତ ଏହି ଖବରକାଗଜରେ ଅନେକ ସମୟରେ ଭାରତ ସଂପର୍କରେ ନକାରାତ୍ମକ ଧାରଣା ସଂପନ୍ନ ଲେଖା ପ୍ରକାଶ ପାଇଥାଏ । ଦେଢଲକ୍ଷ ସଂଖ୍ୟାରେ ପ୍ରସାରିତ ଏହି ସମ୍ବାଦପତ୍ର ଭାରତର କୌଣସି ରାଜ୍ୟ ଭାଷାର ସମ୍ବାଦପତ୍ରଠାରୁ ମଧ୍ୟ ପ୍ରସାରରେ କମ୍ । କିନ୍ତୁ ଅନୁସନ୍ଧାନ ଏବଂ ବିଦେଶ ସମ୍ବାଦ ପରିବେଷଣ ନାମରେ ଏହି ସମ୍ବାଦପତ୍ର ନିଜର ସ୍ୱତନ୍ତ୍ର ଏଜେଣ୍ଡା ନେଇ କାର୍ଯ୍ୟ କରିଥାଏ । ୨୦୦ ବର୍ଷରୁ ଅଧିକ କାଳ ଧରି ଭାରତରେ ଶାସନ କରି ବ୍ରିଟେନର ଭାଷା, ସଂସ୍କୃତି ଏବଂ ଧର୍ମକୁ ଜବରଦସ୍ତ ପ୍ରତିଷ୍ଠା ଦେଇଥିବା ରାଷ୍ଟ୍ରବାସୀଙ୍କୁ ଏକଦା ଉପନିବେଶ ଥିବା ସ୍ୱାଧୀନ ରାଷ୍ଟ୍ରର ଲୋକେ ସେମାନଙ୍କ ଦୀର୍ଘଦିନର ଉପନିବେଶବାଦୀ ଶିକ୍ଷା ବ୍ୟବସ୍ଥାକୁ ତ୍ୟାଗ କରିବା ଆଦୌ ଭଲଲାଗିବ ନାହିଁ । ତେଣୁ ହିନ୍ଦୀ ପାଇଁ ଗାର୍ଡିଆନର ଗାତ୍ରଦାହ ହେବା ସ୍ୱାଭାବିକ ।

# —ଅତୀତର ଗ୍ରାମ୍ୟଜୀବନ—

ସ୍ୱାଧୀନତା ପୂର୍ବରୁ ଆମ ଗାଁମାନଙ୍କର ସାଂସ୍କୃତିକ ଜୀବନ ଯାହା ଥିଲା ସମସ୍ତେ ପ୍ରାୟ ଊଣା ଅଧିକେ ଜାଣନ୍ତି । କୃଷି ଉପରେ ନିର୍ଭରଶୀଳ ଗ୍ରାମବାସୀ ସଂଧ୍ୟାବେଳେ କେଉଁଠି ଟିକିଏ ବସି ଭାଗବତ ଶୁଣୁଥିଲେ କିମ୍ବା ରାମାୟଣ ଶୁଣୁଥିଲେ । ଫଗୁଣ ମାସ ବେଳକୁ ଚାଷକାମ ସରି ଯାଇଥିବାରୁ ଏହି ସମୟରେ ଗାଁକୁ ପାଲା, ଦାସକାଠିଆ, ଯାତ୍ରାବାଲା ସବୁ ଆସୁଥିଲେ ସେମାନଙ୍କ କଳା ପ୍ରଦର୍ଶନ ପାଇଁ । ଗାଁମାନଙ୍କରେ ମହାଭାରତ କ୍ୱଚିତ ପଢ଼ାଯାଉଥିଲା, କାରଣ ମହାଭାରତ ପଢ଼ିଲେ କାଳେ ପରିବାର ଭିତରେ କଳି କଜିଆ ଲାଗେ । ଏହିପରି ଏକ ଭୁଲ ଧାରଣା ଲୋକମାନଙ୍କ ଭିତରେ ସୃଷ୍ଟି କରାଯାଇଛି । ଯେଉଁଠି ଭାଗବତ ଗାଦିଥାଏ ସେଠି ହପ୍ତା ବସେ ଅର୍ଥାତ୍ ଭାଗବତ ସପ୍ତାହ ପାଳନ କରାଯାଏ । ସେଇ କେତେଦିନ ଗ୍ରାମ ଭିତରେ ଆମିଷ ପଶେ ନାହିଁ । ରାମାୟଣ ପଢ଼ାଗଲେ ମଧ୍ୟ ଗାଁରେ ଆମିଷ ପଶେ ନାହିଁ । ଏହି ସବୁ ପରମ୍ପରା ଆମ ଗ୍ରାମ୍ୟ ଜୀବନକୁ ଶୃଙ୍ଖଳିତ ଓ ସଂଜତ କରିପାରିଥିଲା । ଦାସକାଠିଆ ଓ ପାଲାବାଲାଙ୍କ ଛଡ଼ା ଆଉ କେତୋଟି ସଂପ୍ରଦାୟର ଲୋକ ଆମ ଗାଁ ମାନଙ୍କୁ ଆସୁଥିଲେ ସେମାନଙ୍କ ଭିତରେ ଥିଲେ ସାପୁଆକେଳା, ସବାଖିଆକେଳା, ନାଉତୁମ୍ବା ବଜାଉଥିବା କେଳା କେଳୁଣୀ ।

ନାଉତୁମ୍ବାରେ ତିଆରି ହୋଇଥିବା ଧୁଡୁକି ବାଦ୍ୟ ବଜାଇ ଯେଉଁମାନେ ନାଚୁଥିଲେ ମୁଁ ସେମାନଙ୍କ କଥା ଆଗେ ଲେଖୁଛି । ଏଇ ଫଗୁଣ ଚୈତ୍ର ବେଳକୁ ଏଇକେଳାମାନେ ଆସି ଦାଣ୍ଡ ଦୁଆରେ ଧୁଡୁକି ବଜାଇ ଗୀତ ବୋଲନ୍ତି ସ୍ତ୍ରୀ ଲୋକଟି ଛୋଟ ଢ଼ୋଲକିଟିଏ ବଜାଇ ଲୋକଙ୍କୁ ଆକର୍ଷଣ କରେ । ଆମ ଗାଁ ଦାଣ୍ଡରେ ବୁଢ଼ାଟୋକା ସବୁ ଜମା ହୋଇ ପଡ଼ନ୍ତି । ସ୍ତ୍ରୀଲୋକମାନେ କବାଟ ଆଢୁଆଳରେ ଛିଡ଼ା ହୋଇ ଏ ଦୃଶ୍ୟ ଦେଖନ୍ତି । କେଳାଟି କହେ ବାବୁମାନେ ଆପଣମାନେ କେଡ଼େ କେଡେ ମହାଜନ କେଡ଼େ କେଡେ ସାହୁକାର ଅଛନ୍ତି ଏ କେଳାକୁ ମୁଠାଏ ମୁଠାଏ ଚାଉଳ ଦେଲେ ଅଣାଏ ଅଣାଏ ପଇସା ଦେଲେ ଆପଣଙ୍କ ଭଣ୍ଡାର ସରିଯିବ ନାହିଁ । ଗରିବ ଗୁରୁବାଙ୍କୁ ଯେତେ ଦାନ କରିବ ଲକ୍ଷ୍ମୀମାଆ ତୁମର ଧନ ଭଣ୍ଡାର ସେତିକି ପୂର୍ଣ୍ଣ କରିବେ । ମୁଁ ଆପଣ ମାନଙ୍କଠାରୁ ମୋଫତ୍ ମାଗିବାକୁ ଆସିନାହିଁ । ମୁଁ କିଛି ଗୀତ ନାଚ ଦେଖାଇବି ଆପଣମାନେ ଯାହା ଖୁସିରେ ଦେବେ ତାହା ଗ୍ରହଣ କରିବି । ଜଣେ କେହି ମୁରବୀ ଲୋକ କହିଦିଏ ହଉ ହଉ ନାଚ କର ଚାଉଳ ପଇସା ଦିଆଯିବ । ସାଙ୍ଗେ ସାଙ୍ଗେ କେଳାଟି ନାଲିଆ ରଙ୍ଗର ଗୋଟିଏ ଗାଉନ ଭଳି ପୋଷାକ ପିନ୍ଧିଦିଏ । ସ୍ତ୍ରୀଲୋକଟି କାନ୍ଧରେ ଖଣ୍ଡେ ଧଳା ଚାଦର ପକେଇ ଧୁଡୁକି ବଜାଇ ଚାଲେ । ପୁରୁଷଟି ନାଚି ନାଚି ଗୀତ ଗାଏ-"ବେନୁଆ ମାଆ କର ସୁଦୟା, ଯାଉଛି ବାବାଜୀ ହୋଇ । ତୋ ଟାଣ କଥା ଲାଗୁଛି ବ୍ୟଥା, ପାରୁନି ଆଉ ସହି । ସ୍ତ୍ରୀ - ହାତ ଧରି ମୋର ବାହା ହୋଇଲୁ, କେତେ ମିଠାଳିଆ କଥା କହିଲୁ । ମଥା ପାଇଁ ଦେବୁ ରୂପାର ସିନ୍ଥି, କାନ ପାଇଁ ଦେବୁ ହଳେ ଝୁମୁକୀ । ମାସ ମାସ ହୋଇ ବରଷେ ଗଲା, କେଉଁଠି କଅଣ ଦେଇଛୁ ଭଲା । ଏବେ କହୁ ଅଛୁ ହେବୁ ବାବାଜୀ, ପୁଅଟିକୁ ତୋର ସାଙ୍ଗରେ ନେଲେ ତୋ କଥାରେ ମୁଁ ହୋଇବି ରାଜି । ପୁରୁଷ - ନେବ ନାହିଁ ନେବି ନାହିଁ, କାହାରିକୁ ନେବି ନାହିଁ । ଏକା ଏକା ମୁହିଁ ବୁଲି ବି ଦାଣ୍ଡରେ, ହରିନାମ ଗାଇ ଗାଇ । ସ୍ତ୍ରୀ - ହଁ କଥାରେ କଥାରେ ଭାରି ଚାଲାଖ, ପୁଅକୁ ତୋହର ପୋଷିବି କିଆଁ ଜୀବନ ଯାକ ।" ସମବେତ ଦର୍ଶକମାନଙ୍କ ଭିତରେ ହାସ୍ୟରୋଳ ସୃଷ୍ଟି ହୁଏ । ତା'ପରେ ଆଉ କିଛି ଗୀତ ବୋଲି ଦୁଇଜଣଯାକ ହାତ ଧରା ଧରି ହୋଇ ନାଚନ୍ତି ଗାଁର ପିଲାମାନେ ତାଳିମାରି ଦାଣ୍ଡ ଉଛୁଳାଇ ଦିଅନ୍ତି । ତାପରେ ଦୃଶ୍ୟପଟ ବଦଳିଯାଏ । ଦେଖଣାହାରିଏ ମୁଠେ ମୁଠେ ଚାଉଳ ଗୋଟେ ଗୋଟେ ଦୋପଇସି କିମ୍ବା ଅଣି ଆଣି ପକାଇ ଦିଅନ୍ତି କେଳା ଝୁଲିରେ । ସେମାନେ ଯାହା ପାଇଲେ ସେତକରେ ସନ୍ତୁଷ୍ଟ ହୋଇ ଚାଲିଲେ ଅନ୍ୟ ଗୋଟିଏ ଗାଁଆକୁ ।

ଅନ୍ୟ ଦଳଟି ହେଉଛନ୍ତି ସାପୁଆ କେଳା । ଜଣେ ପୁରୁଷ ଜଣେ ସ୍ତ୍ରୀ । ପୁରୁଷଟି ବାହୁଙ୍ଗିରେ ଓହଳେଇ ଥାଏ ଥାକମରା ଚାରିଟି ପେଡ଼ି । ପେଡି ଭିତରେ ଥାଆନ୍ତି ହଳଦୀ ଗୁରୁଗୁରୁ ଗୋଖର ସାପ । ସାପମାନଙ୍କ ମୁଣ୍ଡରେ ଥାଏ କଠଉ ଚିହ୍ନ । କେଳାଟି ପେଡ଼ି ବନ୍ଦ କରି ପଦ୍ମତୋଳା ଗୀତ ବୋଲେ ତାପରେ ଆସ୍ତେ ଆସ୍ତେ ପେଡ଼ିର ଉପର ଢ଼ାଙ୍କୁଣି ଉଠାଇ ଦିଏ । ହଳଦୀ ଗୁରୁଗୁରୁ ସେଇ ଗୋଖର ସାପ ପେଡ଼ି ଭିତରେ ଥାଇ ଫଣା ଟେକି ଗର୍ଜନ କରେ । କେଳାଟି ସାପ ଫଣା ଆଗରେ ଆଣ୍ଟୁ ହଲାଇ ଗୀତ ବୋଲୁଥାଏ । 'ନନ୍ଦର ଘରଣୀ ପଦ୍ମାବତୀ ରାଣୀ, କାଳନ୍ଦୀ ହ୍ରଦରେ ବାସ, ଏତେ ଉଗ୍ରରୂପ ହେଉଛି କିପାଇଁ, ଫୁତକାର କରୁଛୁ ବିଷ ।' ହଠାତ୍ ସାପଟା ଚୋଟ ମାରିବାକୁ କେଳା ଆଡ଼କୁ ଆଗେଇ ଆସିବା ମାତ୍ରେ କେଳା ତା ବେକକୁ ଧରି ପକାଏ ଏବଂ ପେଡ଼ିରେ ଭର୍ତ୍ତି କରିଦିଏ । ଆଉ ଗୋଟିଏ ପେଡ଼ି ଖୋଲାହୁଏ ସେଥିରୁ ବାହାରେ କଳା ରଙ୍ଗର ତମ୍ପ । ସେ ପଦ୍ମତୋଳା ଗୀତ ଜମା ଶୁଣେନାହିଁ । ସେ ଖାଲି ଲାଞ୍ଜ ଉପରେ ଛିଡ଼ା ହୋଇ ଫଁ ଫଁ ଶବ୍ଦ କରେ । ସେ ତାକୁ ପେଡ଼ିରୁ ପଦାକୁ ବାହାର କଲାମାତ୍ରେ ବାହାରକୁ ପଳେଇ ଯିବାକୁ ଚେଷ୍ଟା କରେ, କେଳା ତା ଲାଞ୍ଜ ଧରି ଟାଣି ଆଣେ ପେଡ଼ିରେ ଭର୍ତ୍ତି କରିଦେଇ ପେଡ଼ି ବନ୍ଦ କରିଦିଏ । ଏଇ ହେଲା ସାପ ଖେଳ । ତା'ପରେ ଆରମ୍ଭ ହୁଏ ତାର ମାଗୁଣି । ସିଲଭର କଂସାଟିଏ ଧରି ସେ ଦୁଆର ଦୁଆର ବୁଲିଆସେ ଯିଏ ଯାହା ପାରିଲା ଚାଉଳ ପଇସା ତା କଂସାରେ ପକାଇ ଦିଅନ୍ତି । ସେତକରେ ସେ ସନ୍ତୁଷ୍ଟ । କାନ୍ଧରେ ବାହୁଙ୍ଗି ଧରି ସେ ଚାଲେ ଅନ୍ୟ ସାହିକୁ । ଦଳ ଦଳ ପିଲା ଗୋଡେଇଥାନ୍ତି ତା' ପଛେ ପଛେ ।

ଆଉ ଦଳେ ଆସନ୍ତି ସେମାନଙ୍କୁ ଗାଁ ଲୋକେ କହନ୍ତି ସବାଖିଆ କେଳା । କଳା ଦେହ ବଳିଷ୍ଠ ଚେହେରା ହାତରେ ଥାଏ ଲୁହାବଲା ଓ ଆଉ ଗୋଟାଏ ଛୁରି । ସେ ଗୀତ ବୋଲି ବୋଲି ଛୁରିଟାକୁ ହଲଉଥାଏ ଲୁହାବଳାରେ ବାଜି ତାହା ଝଣ ଝଣ ଶବ୍ଦ ହେଉଥାଏ । ସେ ଯେଉଁ ଗୀତ ବୋଲୁଥାଏ ତାହା ଅବୋଧ । ବୋଧହୁଏ ସେମାନେ ତେଲୁଗୁ ଭାଷାରେ ଗୀତ ବୋଲୁଥାନ୍ତି । ମୁଣ୍ଡରେ ନାଲିକନାର ପଗଡ଼ି କପାଳରେ ସିନ୍ଦୂରଗାର । କେଳା ମାନଙ୍କର ଚେହେରା ଭୟଙ୍କର । ସେମାନଙ୍କ ସାଙ୍ଗରେ ଥାଆନ୍ତି ଜଣେ ଜଣେ କେଳୁଣୀ । ତାଙ୍କ ମୁଣ୍ଡରେ ଥାଏ ଷ୍ଟେସନାରୀ ଜିନିଷ ପସରା । ପସରାଟି ଓହ୍ଲେଇ ଦାଣ୍ଡ ପିଣ୍ଡାରେ ଥୋଇଦେଇ କହନ୍ତି - ମା' ସିନ୍ଦୂର, ଅଳତା, କାଚ, ଗୋଚିନା, ଫିତା, ପାଣିକାଚ, ସବୁଅଛି ଗାଁର ଝିଅ ବୋହୂମାନେ ଏସବୁ ଜିନିଷ ସେମାନଙ୍କ ପାଖରୁ କିଣନ୍ତି । ଜିନିଷ ବାବଦରେ ପଇସା ନିଅନ୍ତି । ଭିକ ପସରା ଅଲଗା ସେଥିରେ ସେମାନେ ଚାଉଳ ନିଅନ୍ତି । ଥରେ ଗୋଟିଏ କେଳୁଣୀ ଏଇ ପସରା ନେଇ ଆମ ଗାଁକୁ ଆସିଥିଲା । ଦେଖିବାକୁ ଭାରି ସୁନ୍ଦରୀ, ବୟସ ଖୁବ୍ ଅଳ୍ପ ୨୦-୨୫ ଭିତରେ ହେବ । ତାକୁ ଦେଖିଲେ ଜାଣି ହେଉଥାଏ ସେ କେଳା ଘରର ବୋହୂ ନୁହେଁ । କେଳୁଣୀର ବେଶଭୂଷା, ଢ଼ଙ୍ଗରଙ୍ଗ ତାପାଖରେ ନାହିଁ । ମୋ ବୋଉ ତା ପାଖରୁ କେତେପଟ ପାଣିକାଚ କିଣିଲା ଆଉ ତାକୁ ଗେହ୍ଲେଇ ହୋଇ ପଚାରିଲା ଆଲୋ ତୋ ନାଆଁ କ'ଣ? ବୋହୂଟି ଚୁପ୍ ଚୁପ୍ କରି କହିଲା ଯଶୋଦା । - ଆଲୋ ହେ ଯଶୋଦା ତୁ ତ କେଳାଘର ଝିଅପରି ଦିଶୁନାହୁଁ । ତୋ ସ୍ୱାମୀ ଯାହା କହୁଛି ଆମେ ତ' ବୁଝି ପାରୁନାହୁଁ । ତୁ ତ ଆମପରି ଭଲ କଥା କହୁଛୁ । ତୁ ଏମାନଙ୍କ ମେଳରେ ରହିଛୁ କେମିତି ? ବୋହୂଟି ସତର୍କତାର ସହ ଇଆଡ଼େ ସିଆଡ଼େ ଚାହିଁଲା । ସେତେବେଳେ ତା' ସ୍ୱାମୀ ଅନ୍ୟ ଜଣକ ଦୁଆର ମୁହଁରେ ଭିକ ମାଗୁଥାଏ, ସେ ଚୁପ୍ ଚୁପ୍ କରି କହିଲା ଯାହା କହିବି କାହାପାଖରେ କହିବ ନାହିଁ । କହିଲେ ମୋ ଜୀବନ ରହିବ ନାହିଁ । ମୁଁ ଖଣ୍ଡେଇତ ଘରର ଝିଅ, ଏଇ କେଳାଟା ମତେ ଗୁଣିକରି ତା ସାଙ୍ଗରେ ଘେନି ଆସିଛି । ଥରେ ଘରୁ ଗୋଡ଼ କାଢ଼ି ଚାଲି ଆସିଲା ପରେ ଆଉ ବାପାମାଆ ସାଇ ପଡ଼ିଶା କେହି ମୋ ମୁହଁକୁ ଅନେଇଲେ ନାହିଁ । ଏବେ ପସ୍ତାଉଛି । ପୋଡ଼ାମୁହାଁଟା କ'ଣ ଗୁଣି କରିଦେଲା କେଜାଣି ମୋ ମନ ତ' ଖାଲି ଉଚ୍ଚାଟ ହେଲା, ତା'ସାଙ୍ଗେ ସାଙ୍ଗେ ପଳେଇ ଆସିଲି । ଏବେ କେଳା ପଲ୍ଲୀରେ ଗଛମୂଳେ ରହୁଛି । ଝିଅଟିର ଆଖି ଦୁଇଟି ଛଳ ଛଳ ହୋଇ ଲୁହ ଦୁଇଟୋପା ଖସିପଡ଼ିଲା ।

# ଅକ୍ଟୋବର ୩୧ରେ ଇନ୍ଦିରା ପାର୍କଠାରୁ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶା'ର ଶୁଭାରମ୍ଭ



ଭୁବନେଶ୍ୱର (ପିଏନ୍)- ଆମର ପ୍ରିୟ ନେତା ସମ୍ମାନନୀୟ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କର ଭାରତ ଯୋଡ଼ ଯାତ୍ରା ଅନୁକରଣରେ ଓଡ଼ିଶାରେ ସମ୍ମାନନୀୟ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ 'ଭାରତ ଯୋଡ଼ ଯାତ୍ରା- ଓଡ଼ିଶା' କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସନ୍ତୋଷ ସିଂ ସାଲୁଜା, ବିଧାୟକ ତଥା ଅଧ୍ୟକ୍ଷ, 'ଭାରତ ଯୋଡ଼ ଯାତ୍ରା- ଓଡ଼ିଶା' କାର୍ଯ୍ୟାନ୍ୱୟନ କମିଟି ସୂଚନା ଦେଇଛନ୍ତି । ଏହି ଭାରତ ଯୋଡ଼ ଯାତ୍ରା ଓଡ଼ିଶାରେ ୨୭ଟି ଜିଲ୍ଲା, ୧୯ ସଂସଦୀୟ କ୍ଷେତ୍ର, ୨୨୫୦ କି.ମି. ରାସ୍ତାକୁ ପ୍ରାୟ ୧୦୦ ଦିନରେ ଅତିକ୍ରମ କରିବ । ଏହି ଯାତ୍ରାରେ ବରିଷ୍ଠ କଂଗ୍ରେସ ନେତା, ସାଂସଦ ଓ ବିଧାୟକ, ପୂର୍ବତନ ସାଂସଦ, ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ, ଛାମୁଆ ସଂଗଠନ, ଜିଲ୍ଲା କଂଗ୍ରେସ ସଭାପତି, ବୁଦ୍ଧିଜୀବୀ, କୃଷକ, ଶ୍ରମିକ, ବେକାର ଯୁବକ ଯୁବତୀ, ମହିଳା, ଛାତ୍ର ଛାତ୍ରୀ, ସାମାଜିକ ଅନୁଷ୍ଠାନ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବେ । ଓଡ଼ିଶାରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ସ୍ଥିତିର ବୈପ୍ଳବିକ ପରିବର୍ତ୍ତନ ପାଇଁ ଏହି 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶା' ଉଦ୍ଦିଷ୍ଟ । ଅକ୍ଟୋବର ୩୧ ତାରିଖ ଭୁବନେଶ୍ୱରସ୍ଥିତ ଇନ୍ଦିରା ପାର୍କଠାରୁ ପ୍ରଭାତରୁ ଏହି ଯାତ୍ରା ଆରମ୍ଭ ହେବ । ଭାରତର ପ୍ରଧାନମନ୍ତ୍ରୀ ମୋଦିଙ୍କର ଆଚ୍ଛାଦିନର ପ୍ରତାରଣାରେ ଆଜି ଦେଶର ତଥା ଓଡ଼ିଶାର ଜନସାଧାରଣ ଅତିଷ୍ଠ । ଜାତି, ଧର୍ମ, ବର୍ଣ୍ଣ, ଭାଷା, ଖାଦ୍ୟ, ପୋଷାକ ଓ ଆଂଚଳିକ ବାଦକୁ ନେଇ କେବଳ ରାଜନୈତିକ ଫାଇଦା ପାଇଁ ମୋଦି, ବିଜେପି ଏବଂ ଆରଏସଏସ ଦେଶରେ ଘୃଣା,ହିଂସା ଏବଂ ବିଦ୍ୱେଷର ମଂଜି ବୁଣୁଛନ୍ତି । ଭାରତୀୟମାନଙ୍କର ଏକତା, ଭ୍ରାତୃଭାବ, ସଂହତିକୁ କୌଶଳକ୍ରମେ ନଷ୍ଟ କରାଯାଉଛି । ଭାରତର ଗଣତନ୍ତ୍ର ଓ ସମ୍ବିଧାନ ତଥା ସାମ୍ବିଧାନିକ ଅନୁଷ୍ଠାନକୁ ବିପଦଗ୍ରସ୍ତ କରାଯାଉଛି । ମୋଦି ଓ ଆରଏସଏସର ଚାପରେ ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ଦୁର୍ବଳ ହୋଇପଡ଼ିଛି । ଆଉ ନିରପେକ୍ଷ ହୋଇନାହିଁ । ଭାରତୀୟ ଗଣତନ୍ତ୍ରର ଗରିମା ନଷ୍ଟ ହୋଇପଡୁଛି । ଦିନକୁ ଦିନ ଗଣତନ୍ତ୍ର ବଦଳରେ ମୋଦିତନ୍ତ୍ର ବଳବତର ହେଉଛି । ବିକାଶ ନାମରେ ଆହ୍ୱାନ ଦେଉଥିବା ମୋଦି ଆଠବର୍ଷ ଭିତରେ ଭାରତବର୍ଷର ବିନାଶ କରିଛନ୍ତି । ଜନସାଧରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହାକୁ ରକ୍ଷାକରିବାରେ ଅସମର୍ଥ ହୋଇଛନ୍ତି । ଯୁବକମାନେ ଆଜି ଦିଶାହୀନ । ଦୁଇକୋଟି ନିଯୁକ୍ତିର ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଛି । ୮ ବର୍ଷରେ ୧୬ କୋଟି ଲୋକ ନିଯୁକ୍ତି ପାଇବା କଥା । ମାତ୍ର ଭାରତ ସରକାରଙ୍କର ସମୁଦାୟ ମଂଜୁରିପ୍ରାପ୍ତ ୪୦,୩୫,୨୦୩ ପଦବୀରୁ ୯.୭୯ ଲକ୍ଷ ପଦବୀ ଖାଲି ପଡ଼ିଛି । କୋଟି କୋଟି ଲୋକ ବେକାରୀ ବୋଝରେ ହନ୍ତସନ୍ତ ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ନିଦକ ବସିଛନ୍ତି । ମୋଦିଙ୍କ 'ପକୋଡ଼ା ନିଯୁକ୍ତି' ବୟାନ ଦେଶର ବେକାର ଯୁବକ ଯୁବତୀମାନଙ୍କ ପାଇଁ ଉପହାସ । ମହଙ୍ଗା ମାଡ ଓ ଦାରିଦ୍ର୍ୟ ପରିସ୍ଥିତି ଅଣାୟତ ହୋଇପଡ଼ିଛି । ଅତି ନିତ୍ୟବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ଜିଏସଟି ଲାଗୁ ହେବା ଫଳରେ ସାଧାରଣ ଲୋକଙ୍କର ଜୀବନଯାପନ ଦୁର୍ବିସହ ହୋଇପଡ଼ିଛି । ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦର ଆକାଶଛୁଆଁ । ବିଶ୍ୱ ଖାଦ୍ୟ ସୂଚକାଙ୍କର ତଥ୍ୟ ଅନୁସାରେ ଭାରତ ଏକ ଭୋକିଲା ଦେଶ (୧୨୧ରୁ ୧୦୭ ସ୍ଥାନ)ର ଅପବାଦ ମୁଣ୍ଡାଇଛି । ପ୍ରତି କଥାରେ କଂଗ୍ରେସ ଓ ନେହେରୁଙ୍କ ଦୋଷାରୋପ କରୁଥିବା ମୋଦି କଂଗ୍ରେସ, ନେହେରୁ, ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ରାଜୀବ ଗାନ୍ଧୀ, ନରସିଂହ ରାଓ ଓ ମନମୋହନ ସିଂ ଦେଶ ପାଇଁ ଯେଉଁ ସଂପତି ସୃଷ୍ଟି କରିଥିଲେ ତାହାକୁ ତାଙ୍କର ବନ୍ଧୁ ପୁଂଜିପତିଙ୍କ ହାତରେ ଟେକି ଦେଇଛନ୍ତି । ଏୟାରଇଣ୍ଡିଆ, ବନ୍ଦର, ଖଣି, ରେଳବାଇ, ବ୍ୟାଙ୍କ, କେନ୍ଦ୍ର ସରକାରଙ୍କର ଶିଳ୍ପ, ଏଲଆଇସି ପ୍ରଭୃତି କେନ୍ଦ୍ର ସରକାରଙ୍କ ସଂସ୍ଥାଗୁଡ଼ିକୁ ଏବେ ମୋଦିଙ୍କର ପ୍ରିୟ ପୁଂଜିପତି ମାନଙ୍କ ହାତକୁ ଚାଲିଯାଉଛି । ଭାରତ ଏବେ ଋଣଗ୍ରସ୍ତ ହୋଇପଡ଼ିଛି । କଳା କୃଷି ଆଇନ କରି ଦେଶର କୃଷି ଓ କୃଷକଙ୍କର ସର୍ବନାଶ କରିବାପାଇଁ ବସିଥିଲେ । ଲକ୍ଷ୍ମୀମପୁର ଖେରୀରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀଙ୍କ ପୁତ୍ର ଆନ୍ଦୋଳନରତ ୮ଜଣ ଚାଷୀଙ୍କୁ ଗାଡ଼ି ଚଢ଼ାଇ ହତ୍ୟାକଲେ । ଦିଲ୍ଲୀରେ ମୋଦିଙ୍କ ନିଷ୍ଠୁରତା ପାଇଁ ଆନ୍ଦୋଳନରତ ୭୦୦ ଜଣ ଚାଷୀ ମୃତ୍ୟୁବରଣ କଲେ । ବିମୁଦ୍ରୀକରଣ, ରାଫେଲ ଡିଲ, କରୋନା ମୁକାବିଲାରେ ବିଫଳତା, ଟଙ୍କାର ମୂଲ୍ୟ ହ୍ରାସ, ପ୍ରତି ଲୋକଙ୍କ ଜମାଖାତାରେ ୧୫ଲକ୍ଷ ଟଙ୍କା ଜମା ଓ ପେଗାସସର ଅନୈତିକ ବ୍ୟବହାର ପ୍ରସଙ୍ଗରେ ମୋଦିଙ୍କର ଅସଲ ମୁଖା ଖୋଲିଯାଇଛି । ଏଭଳି ପରିସ୍ଥିତିର ପରିବର୍ତ୍ତନ ପାଇଁ ଆଜି ମାନ୍ୟବର ରାହୁଲ ଗାନ୍ଧୀ ଭାରତ ଯୋଡ଼ ଯାତ୍ରାରେ ଆଗେଇ ଚାଲିଛନ୍ତି । ଏହି ଯାତ୍ରାରେ ଲକ୍ଷ ଲକ୍ଷ ସାଧାରଣ ଜନତା ଯୋଗ ଦେଉଛନ୍ତି । ଓଡ଼ିଶାରେ ୨୨ ବର୍ଷ ଧରି ଏକ ନିକମା, ଦୁର୍ନୀତିଖୋର ଏବଂ ଭ୍ରଷ୍ଟାଚାରୀ ସରକାର ଚାଲିଛି । ବିଜେଡ଼ି ଓ ବିଜେପି ଏକତ୍ର ୯ବର୍ଷ ଶାସନ କରିଥିଲେ; ମାତ୍ର ପରବର୍ତୀ ପର୍ଯ୍ୟାୟରେ ଅଲଗା ହେଲେବି ସମସ୍ତ ନୀତି ନିଷ୍ପତିରେ ଏକାଠି କାର୍ଯ୍ୟ କରୁଛି । ନବୀନ ଶାସନରେ ଓଡ଼ିଶା ଆଜି ରସାତଳଗାମୀ । ବର୍ଷକୁ ୨ଲକ୍ଷ ଚାକିରୀର ପ୍ରତିଶ୍ରୁତି ଦେଇଥିବା ନବୀନ ସରକାର ୨୨ ବର୍ଷରେ ୪୨ଲକ୍ଷ ଚାକିରୀ ଦେବାକଥା, ମାତ୍ର ଆଜି ତାହା ପ୍ରତାରଣାପୂର୍ଣ୍ଣ ହୋଇଛି । ଓଡ଼ିଶାର ବିଭିନ୍ନ ଜିଲ୍ଲାର ୮ଲକ୍ଷ ୮୦ ହଜାର ଏମ୍ପ୍ଲୋଇମେଂଟ ଏକ୍ସଚେଂଜରେ ନାମ ପଂଜିକରଣ କରି ବେକାର ହୋଇ ବସିଛନ୍ତି । ଓଡ଼ିଶା ସରକାରଙ୍କର ସମୁଦାୟ ୨ଲକ୍ଷ ୨୬ ହଜାର ପଦବୀ ଖାଲି ପଡ଼ିଛି । ନିଯୁକ୍ତି ନପାଇ ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଓଡ଼ିଶାର ଯୁବକମାନଙ୍କର ଭବିଷ୍ୟତ ଓ ସ୍ୱପ୍ନ ଆନ୍ଧ୍ରର ଇଟାଭାଟି ଓ ସୁରଟ ସୂତାକଳରେ ହଜିଯାଉଛି । ବିଜୁ ଯୁବ ବାହିନୀ ନାମରେ ରାଜକୋଷ ଲୁଟ ହୋଇଛି । ଷ୍ଟାଫ୍ ସିଲେକସନ କମିଶନ ମାଧ୍ୟମରେ ଚାକିରି ବିକ୍ରି ହେଉଛି । ଓଡ଼ିଶା ଋଣଗ୍ରସ୍ତ । ୨୦୦୦ ମସିହାରେ ଓଡ଼ିଶାର ଋଣଭାର ୧୮ ହଜାର କୋଟି ଥିବା ବେଳେ ଏବେ ତାହା ୧ଲକ୍ଷ ୧୨ ହଜାର କୋଟି ହୋଇଛି । ମୁଣ୍ଡପିଛା ଋଣ ଭାର ଏବେ ୨୨ ହଜାର ଟଙ୍କା । ଓଡ଼ିଶାର ସାଧାରଣ ବଂଟନ ବ୍ୟବସ୍ଥାର ଚାଉଳ ଓ ଗହମ ପଶୁଖାଦ୍ୟ ବୋଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା ହୋଇଛି । ଓଡ଼ିଶା ବିଷାକ୍ତ ଔଷଧ ବିକ୍ରିର ପେଣ୍ଠସ୍ଥଳ ପାଲଟିଛି । ଦାରିଦ୍ର୍ୟ ଓ ବେକାରୀ ଆଜି ଉତ୍କଟ । ୨୨ ବର୍ଷରେ ୮ ହଜାର ଚାଷୀ ଆତ୍ମହତ୍ୟା କଲେଣି । ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଏବଂ କଂଗ୍ରେସ ଶାସିତ ରାଜସ୍ଥାନରେ ଧାନ କ୍ୱିଂଟାଲ ପିଛା ୨୫ ଶହ ଟଙ୍କା ଦିଆଯାଉଥିଲା ବେଳେ ଓଡ଼ିଶାରେ କୃଷକ ତାର ଉପଯୁକ୍ତ ପ୍ରାପ୍ୟ ପାଉନାହିଁ । ସରକାର-ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାଜ୍ୟର କୃଷକମାନେ ଧାନର ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ଓଡ଼ିଶାରେ ମହିଳା ଅସୁରକ୍ଷିତ । ଇତିଶ୍ରୀ, ବେବିନା, ମାଧବୀଲତା, କୁନ୍ଦୁଲୀ ଛାତ୍ରୀ, ସ୍ମିତାରାଣୀ, ପରୀ, ମମିତା ପ୍ରଭୃତିଙ୍କ ପରିବାର ନ୍ୟାୟ ପାଇପାରିଲେ ନାହିଁ । କେନ୍ଦ୍ର ସରକାରଙ୍କର ଏନସିଆରବିର ତଥ୍ୟ ଅନୁସାରେ ଓଡ଼ିଶାରେ ୨୦୨୧ ମସିହାରେ ୩୩୦୦ ମହିଳା ଦୁଷ୍କର୍ମ ଘଟଣା ଘଟିଛି । ପ୍ରତିଦିନ ୯ଜଣ ମହିଳା ଏବଂ ୬ଜଣ ଅପ୍ରାପ୍ତବୟସ୍କା ବାଳିକା ଦୁଷ୍କର୍ମରେ ଶିକାର ହେଉଛନ୍ତି । ଏଣୁ ମୁଖ୍ୟମନ୍ତ୍ରୀଙ୍କ ମା'କୁ ସମ୍ମାନ ଆହ୍ୱାନ ମୂଲ୍ୟହୀନ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ସାଧାରଣ ଏବଂ ନଗଣ୍ୟ ସଂସ୍ଥାଠାରୁ ଜୀବନବ୍ୟାପୀ ସାଧନା ପୁରସ୍କାର ପାଇ ଖୁସି । ରାଜ୍ୟର ଏ ପରିସ୍ଥିତିର ପରିବର୍ତ୍ତନ ପାଇଁ କଂଗ୍ରେସ ସଂକଳ୍ପବଦ୍ଧ । ଏଣୁ ଆସନ୍ତୁ ସ୍ୱାଭିମାନୀ, ସୁରକ୍ଷିତ, ଦୁର୍ନୀତିମୁକ୍ତ ଓ ସ୍ୱାବଲମ୍ବୀ ଓଡ଼ିଶା ଗଠନ ପାଇଁ ଅଭିପ୍ରେତ 'ଭାରତ ଯୋଡ଼ ଯାତ୍ରା-ଓଡ଼ିଶା'ରେ ସାମିଲ ହେବା । ଏହି ସାମ୍ବାଦିକ ସମ୍ମିଳନୀରେ କଟକ ଜିଲ୍ଲା କଂଗ୍ରେସ ସଭାପତି ତଥା ଭାରତ ଯୋଡ଼ ଯାତ୍ରା-ଓଡ଼ିଶା କାର୍ଯ୍ୟାନ୍ୱୟନ କମିଟିର ସଦସ୍ୟ ମାନସ ଚୌଧୁରୀ, ବିଧାୟକ ଅଧିରାଜ ପାଣିଗ୍ରାହୀ ଓ ସଂଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାଗୁଲାଇପାଟଣା ଅନନ୍ତ ପୁରୁଷୋତ୍ତମ ଦେବ ସେବକଙ୍କ ଦେହାନ୍ତ



ଖୋର୍ଦ୍ଧା (ପିଏନ୍): ସ୍ଥାନୀୟ ଜାଗୁଲେଇପାଟଣାସ୍ଥିତ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବଙ୍କ ସେବକ ଭାବେ ନିଜର କାର୍ଯ୍ୟକୁ ସୁଚାରୁ ରୂପେ ନିର୍ବାହ କରୁଥିବା ଅନନ୍ତ ଚରଣ ବେହେରାଙ୍କର ଗତ ଶୁକ୍ରବାର ଭୋର ସମୟରେ ପରଲୋକ ହୋଇଯାଇଛି । ମୃତ୍ୟୁ ସମୟକୁ ତାଙ୍କୁ ୫୪ ବର୍ଷ ହୋଇଥିଲା । ସେ ଅନେକ ଦିନ ଧରି ବହୁମୂତ୍ର ତଥା ଉଚ୍ଚ ରକ୍ତଚାପ ରୋଗରେ ପୀଡିତ ଥାଇ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଅବସ୍ଥାରେ ଥିଲେ । ତାଙ୍କ ବିୟୋଗରେ ସମଗ୍ର ଜାଗୁଲାଇପାଟଣା ତଥା ଖୋର୍ଦ୍ଧାରେ ଶୋକର ଛାୟା ଖେଳିଯାଇଛି । ସେ ଅନନ୍ତ ପୁରୁଷୋତମ ଦେବଙ୍କ ସେବକ ଭାବେ ନିଜର କାର୍ଯ୍ୟକୁ ସୁଚାରୁ ଭାବେ କରିବା ସହ ନିଜକୁ ସମାଜ ସେବାରେ ନିୟୋଜିତ କରିଥିଲେ । ସେ ଏକଧାରରେ ଜଣେ ମିଷ୍ଟଭାଷୀ, ନ୍ୟାୟପରାୟଣ ବ୍ୟକ୍ତି ଥିଲେ । ଗ୍ରାମର କୋଣସି ଝଗଡା ଝାଟିରେ ତାଙ୍କୁ ନ୍ୟାୟ କରିବା ପାଇଁ ଗ୍ରାମବାସୀମାନେ ଲୋଡୁଥିଲେ । ସେ ଜାଗୁଲେଇପାଟଣା ପ୍ରକଳ୍ପ ବିଦ୍ୟାଳୟର ସଭାପତି ଥିବା ସମୟରେ ପିଲାମାନଙ୍କର ଶିକ୍ଷାର ଉନ୍ନତିକଳ୍ପେ ବିଦ୍ୟାଳୟର ସର୍ବଶିକ୍ଷା ଗୃହ ଏବଂ ଆଂଚଳିକ ସ୍ତରରେ ଏକ କ୍ରୀଡା ଉତ୍ସବ ପାଳନ କରି ପିଲାମାନଙ୍କ ହୃଦୟରେ ଭାଇଚାରାର ଭାବ ଉଦ୍ରେକ କରିଥିଲେ । ଏପରି ଏକ ପରୋପକାରୀ ବ୍ୟକ୍ତିଙ୍କର ବିୟୋଗରେ ସମସ୍ତ ଗ୍ରାମବାସୀ ମ୍ରିୟମାଣ ହୋଇଯାଇଛନ୍ତି । ତାଙ୍କର ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ବଡ଼ ଝିଅ ବ୍ଲାଙ୍କି, ମଝିଆ ଝିଅ ଲକି, ସାନଝିଅ ଲୁସି, ପୁଅ ସୋମୁ, ପୁତୁରା ଶିବୁ ଓ ସାନଭାଇ ଉପସ୍ଥିତ ଥିଲେ । ପୁଅ ସୋମୁ ମୁଖାଗ୍ନି ଦେଇଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨୫**

# ଗୁପ୍ତେଶ୍ୱରରେ ଗୁପ୍ତ ଇଶ୍ୱର ମାନଙ୍କ ସହିତ ଭେଟ



ଡ୍ୱାଇଟ୍ ଡେଭିଡ ଫିଲିପ

ପଞ୍ଚାବନ ବର୍ଷରେ ଚାରି ରାଜ୍ୟରେ ବୁଲି ବୁଲି, ମଣିଷ ବିଶ୍ରାମ ନେବାକୁ ଚାହିଁଲା । ଭାରତର ଚାରି ମେଟ୍ରୋରେ ବୁଲି ବୁଲି ଆଧୁନିକତା ସହିତ ଯୁଝି ଆସିଲା । ଦୁଇଟି ଆଇ.ଆଇ.ଟି, ମୁମ୍ବାଇ ଓ ଖଡକପୁରରେ ଗ୍ରାମ୍ୟାଞ୍ଚଳ ବିକାଶ ଯୋଜନାର ପ୍ରଶିକ୍ଷଣ ନେଇ ବୈଷୟିକ ଶିକ୍ଷାର ଶୀର୍ଷକୁ ଦେଖିବାର ସୁଯୋଗ ପାଇଲା । ବିହାରର ମୁଷହର, ଝାଡ଼ଖଣ୍ଡର ମାଲଟ୍ଟୋ, ହୋ, ଛତିଶଗଡ଼ର ଗଣ୍ଡ ଓ ଓଡ଼ିଶାର କୁଟିଆ କନ୍ଧଙ୍କ ପାଇଁ କାମ କରି ମଣିଷର ଦାରିଦ୍ର୍ୟତା ଓ ମଣିଷର ମଣିଷ ସମ୍ମୁଖରେ ସାମ୍ବିଧାନିକ ମଜବୁରି ଜାଣି ପାରିଥିଲା । କିନ୍ତୁ କୋରାପୁଟର ଗୁପ୍ତ ?ଶ୍ୱର ଉଇଗୁଡ଼ାକୁ ଆସି ଗୁପ୍ତ ଇଶ୍ୱର ମାନଙ୍କ ସହିତ ଭେଟ ହେଇ ଆତ୍ମ ତୃପ୍ତି ପାଇଲା । ସେମାନେ ବାସ୍ତବରେ ଜୀବିତ ଇଶ୍ୱର ମାନେ । ଆମପରି ଦେହ ଧାରୀ ମଣିଷ ମାନେ । ମାଟିର ଓ ଦେବତ୍ୱର ଇତିହାସ ଓ ପରମ୍ପରାକୁ ବଜାଇ ରଖିଛନ୍ତି । ନିଜ ନିଜ ଭିତରେ ପ୍ରଗାଢ଼ ପ୍ରେମ ଓ ଅଜଣା ଅଶୁଣାଙ୍କୁ ଆତିଥ୍ୟ । କିଏ ସେମାନଙ୍କୁ ପୂଜା କରୁ ନ କରୁ ମୁଁ କରୁଛି । କୋରାପୁଟ, ଶୁଣିବାକୁ ମିଳେ, ଧାନ ଚାଷର ଆଦ୍ୟ ସ୍ଥଳୀ, ସୁଗନ୍ଧ ବାସୁମତି ଚାଉଳର ଅନ୍ତୁଡ଼ି ଶାଳ, ପୁଣି କ୍ଷୁଦ୍ର ଶସ୍ୟ, ବାଜରା, ଜଆର, କାଙ୍ଗ, କୁଷଲାର ଜନକ, ତାଉପରେ ଗୁପ୍ତ ଇଶ୍ୱର ମାନଙ୍କର ବାସ ସ୍ଥାନ ବୋଲି ତା ୧୯/୦୪/୨୦୨୪ ରେ ଯାଇ ଜାଣିଲି । ଉଇଗୁଡ଼ା ଗାଁଟି ହେଉଛି ବାଇପରୀଗୁଡ଼ା ପ୍ରଖଣ୍ଡର ରାସ୍ତା ନଥିବା, ଅଙ୍ଗନ୍ ୱାଡ଼ି ଗୃହଟେ ନଥିବା, ସ୍କୁଲ ଗୃହ ନଥିବା, ପୁଣି ପ୍ରସୂତି ନାରୀକୁ ପ୍ରାୟ ଦୁଇ କିଲୋ ମିଟର ପାହାଡ ଚଢ଼ି ଭାର ଓ ବୋଝେଇ କରି ନିଆ ଯାଉଥିବା ଓ ଅକ୍ଷର ସହିତ ଅପରିଚିତ ଥିବା ଆଦିମ ଜନଜାତିଙ୍କ ଗ୍ରାମ । ବାଇପରୀଗୁଡ଼ାର ଗୁପ୍ତେଶ୍ୱର ଓ ହଲଦିକୁଣ୍ଡ ବର୍ତ୍ତମାନ ପୁରା ଓଡ଼ିଶା ଓ ଛତିଶଗଡ ପାଇଁ, ଗୁପ୍ତ ଇଶ୍ୱରଙ୍କ ଦର୍ଶନ ଓ ପର୍ଯ୍ୟଟନର ସ୍ଥାନ । ଜଇପୂର-ଗୁପ୍‌ତେଶ୍ୱର ରାଜ ରାସ୍ତା ପରିଦର୍ଶକଙ୍କ ପାଇଁ କଳା କାର୍ପେଟ ପକାଇ ନିମନ୍ତ୍ରଣ କଲା ପରି ସୁଗମ୍ୟ ହୋଇଛି । ଚୌବନ୍ କିଲୋମିଟର କେମିତି ପାର ହୋଇ ଯାଉଛି ଜାଣି ହେଉନି । ଜଇପୂରକୁ ବିଶ୍ୱବାସି ପାଇଁ ଉଡାଜାହାଜ, ଓ ରେଳ ପଥ ସଂଯୁକ୍ତ ହୋଇଛି । ବର୍ତ୍ତମାନ୍ ଏଠିକାର ଆଦିବାସୀ ଓ ଜନଜାତି ଚଇତ୍ରା ପାଳନରେ ଭାରି ବ୍ୟସ୍ତ । ସ୍ଥାନେ ସ୍ଥାନେ ରସି ଧରି ଯାନ ବାହନକୁ ଅଟକାଇ କିଛି ପର୍ବ ଖର୍ଚ୍ଚ ମାଗୁଛନ୍ତି । ଯାତ୍ରୀଙ୍କୁ କେଉଁଠି ଫୁଲ ଦେଇତ କେଉଁଠି ସ୍ମିତ ହସଟେ ଦେଇ ଶିଶୁ, କିଶୋରୀ, ମାଁ ଭଉଣୀ ଆଠଣି ଠୁ ଆରମ୍ଭ କରି ଯେତେ ଦେଇପାର, ନେଇ, ରାସ୍ତା ଛାଡ଼ି ଦେଉଛନ୍ତି । ମନେ ହେଉଛି, କୋରାପୁଟ ସାଜିଛି । ଗୁପ୍ତ ଇଶ୍ୱରମାନେ ନିଜେ ବାହାରି ଭେଟୁ ଛନ୍ତି ପରିଦର୍ଶକ ମାନଙ୍କୁ, ନିଜେ ଇଶ୍ୱର ମାନେ ସ୍ୱାଗତ କରୁଛନ୍ତି । ଉଇଗୁଡ଼ା ପହଞ୍ଚିବା ପୂର୍ବରୁ ଚାରିଚକିଆ ଧଳା ହୁଣ୍ଡାଇ-ଇଅନ ଗାଡ଼ିକୁ ପ୍ରାୟ ଦୁଇ କିଲୋମିଟର ଦୂରରେ ରଖି ଦିଆ ଗଲା । ତାପରେ ଦୁର୍ଗମ ରାସ୍ତା ଆରମ୍ଭ ହେଲା । ଯେଉଁଠି ଗାଡିରୁ ଓହ୍ଲାଇଲୁ ସେଇଠୁ ପ୍ରାୟ ଷାଠିଏ ସତୁରୀ ଫୁଟ ତଳକୁ ଓହ୍ଲାଇବାକୁ ପଡ଼ିଲା । ସାଙ୍ଗରେ ଥିବା ଦୁଇ ମହିଳା ଏନ.ଜି.ଓ କର୍ମୀ, ବାର ବାର ତାଗିଦ୍ କରୁଥିଲେ 'ଦେଖନ୍ତୁ ପଡି ଯିବେ' । ଏକ୍ସନ କମ୍ପାନୀର ଗ୍ରିପ ଥିବା ବୁଟ ପିନ୍ଧିଥିଲି, ତାହା ହଠାତ୍ ତଳ ମୁହା ରାସ୍ତାରୁ ଟଳି ପଡ଼ିବାଠୁ ରକ୍ଷା କରୁଥିଲା । ମନେପଡୁଥିଲା ଗୟା ପାଖର ଟାଙ୍ଗରା ପାହାଡ଼ ଯାହାକୁ ପ୍ରସୂତି ମୃତ ସ୍ତ୍ରୀ ପାଇଁ କାଟି ଦେଇଥିଲା ଦଶରଥ ମାଂଝୀ । ଘାଟି ଓହ୍ଲାଇ ଓହ୍ଲାଇ ଭାବୁ ଥିଲି, ଆଧୁନିକତା କଣ ନିଷ୍ଠୁର, କେବଳ ଆଦିବାସି ଓ ହରିଜନଙ୍କ ପାଇଁ ନା ନିଷ୍ଠୁର ପାହାଡ ମାନେ ଘେରି ଦେଇଛନ୍ତି ଗୁପ୍ତ ଇଶ୍ୱର ମାନଙ୍କୁ ବିପର୍ଜୟ ମୁଖରୁ ବଞ୍ଚାଇ ରଖିବା ପାଇଁ ।

ଦୂରରୁ ଦିଶୁଥିଲା ଗାଁଟି, ସାଥି ମାନେ କହିଲେ, ଏ ହେଉଛି ଉଇଗୁଡା, ଏଠି ଆଦିବାସୀ ରହନ୍ତି । ଗ୍ରୀଷ୍ମ ଉତ୍ତାପରେ ମାଟିର ତାତି, ସୂର୍ଯ୍ୟର କିରଣର ନିଷ୍ଠୁର ଛାଟି, ଟାଙ୍ଗରା ଜଙ୍ଗଲର ଝାଞ୍ଜି, ଲାଗୁଥିଲା ଗାଁ କହୁଥିଲା, ଆ, ତୋତେ ଦେବି ମୋଠି ଶାନ୍ତି । ତିନି-ଚାରିଟି ପିଲା ଖେଳୁ ଥାଆନ୍ତି ଏକ ଗଛ ଛାଇ ମୂଳେ । ସେ ପାଖରେ ଥିଲା ଏକ ବର ଗଛ, ତା ତଳେ ଶୋଇଥାନ୍ତି ଏକ ଜରା ଜୀର୍ଣ୍ଣ ବୃଦ୍ଧ । କହିଲେ 'ଆଶ ଏଠି ବସ, ଥକା ମାରିସାରି ଗାଁ କୁ ଯିବ' । ବରଗଛକୁ ଲାଗି ବହୁଛି ନାଳ । ପାଣି ଦେଖି ଲାଗିଲା, ମଣିଷ ପାଇବ ଏଠି ଜୀବନ । କିଛି ମିନିଟ ବସି, ପଶିଲୁ ଗାଁକୁ । ପ୍ରଥମ ଘରର ଦୁଆର ମୁହଁରେ ପସୁ ପସୁ ଜଣେ ଅଣ୍ଟା ନଇଯାଇଥିବା ବୃଦ୍ଧ ମାଁ ଧରାଇଦେଲେ ଗୋଟିଏ ଡ଼ାଳ ପାଣି । ଡାଳ ଛୁଉ ଛୁଉ ଲାଗିଲା ଏତେଥଣ୍ଡାଜେ, ମନେ ହେଉଥାଏ ପିଇଦିଏ ପରି । ବୁଢ଼ୀ ମାଁ କହିଲେ, 'ଧୋଇ ହୁଅ ବାବୁ, ତାପରେ ଦେବି ପାଣି, ପିଇବ' । ଧୋଇ ହୋଇ ତନଟି ଯାଏଁ ପିଇଲି ଥଣ୍ଡା ପାଣି । ଭାବିଲି ମଣିଷ ବଞ୍ଚି ଗଲା । ଘାଟିରୁ ଓହ୍ଲାଇଲା ବେଳେ ଲାଗୁଥିଲା ଆଜି ଅପନ୍ତରା ଗାଁରେ, ପ୍ରାଣଟି ଗଲା । ମନେ ପଡୁଥିଲା, ସକାଳୁ ଖାଇନ ଥିଲି, ଉଚ୍ଚ ରକ୍ତ ଚାପ ଔଷଧ । ଟୁରର କିଛିଦିନ ପୂର୍ବ ? ମୋର ଉଚ୍ଚ ରକ୍ତ ଚାପ ୧୯୫୫/୯୯ ରହି ଥିଲା । କେବଳ ଥଣ୍ଡା ପାଣି ନୁହେଁ, ସେହି ଘରେ ଥିଲା ଛାଇ ସହିତ ଆଦର । ବୁଢ଼ୀ ମାଁ ର ସ୍ୱାମୀ, ହସି ହସି ବଢ଼ାଇ ଦେଲା ନିଜ ଗାମୁଛା କଡ, 'ଏ ନିଅ ପୋଛି ହୁଅ ' ଆଉ ଦେଖାଇ ଦେଲା କାଠରେ ତିଆରି ପୁରୁଣା ଏକ ଚୌକି, କହିଲା ବସ । ବିଶ୍ୱାସ ଲାଗୁନି, ତାପରେ ଆସିଗଲେ ଅନେକ ମାଁ ଭଉଣୀ, ଧରେଇ ଦେଲେ ମାଣ୍ଡିଆ ଭାତ ତିଆରି ପଖାଳ-ବାଶି । କହିଲେ, ପିଇଲେ ଦେହ ମନ ହେବ ଶାନ୍ତି । ତାପରେ ଆସିଲେ ଯୁବା ଭାଇ, ଧରାଇ ଚାଲିଲେ ପତ୍ରରେ ଧଳା ତୁରାଣି । ଧରି ପଚାରିଲୁ, ଏକ'ଣ ଭାଇ । କହିଲେ, ସଦ୍ୟ ସଲପ, ନିଶା ହେବନି, ପିଇଲେ ଲାଗିବ ଆସୁସ୍ତି । ତାପରେ ସବୁ ମାଁ ଭଉଣୀ ଆରମ୍ଭ କଲେ ଗପ, ଚୈତ୍ରାର ମଜା ଲୁଟିବା ପାଇଁ । ଗପି ଗପି ଆମେ ତଥ୍ୟ ସଂଗ୍ରହ କଲୁଁ । ଆମ ଯିବା କରଣ ଥିଲା, ଗାଁର ବିଭିନ୍ନ ଚାଷ ଓ ଜଙ୍ଗଲ ଜାତୀୟ ଦ୍ରବ୍ୟର ପରିମାଣ, ବିକ୍ରି ଓ କ୍ରୟର ଦାମ୍ ଜାଣିବା ।

ସେ ସବୁ ତଥ୍ୟରୁ ଜାଣି ହେଲା, ଉଇଗୁଡ଼ା ଓ ଡେପଗୁଡ଼ା ଏକ ଆଦିବାସୀ ଗାଁ । କେବେଠୁ ଲୋକ ଏଠି ବାସ କରନ୍ତି, କେହି ଜାଣନ୍ତି ନାହିଁ । ସେମାନେ ପରିଶ୍ରମୀ । ପ୍ରକୃତି ସେମାନଙ୍କୁ ବଞ୍ଚାଇ ରଖିଛି । ସେ ଗାଁରେ ସ୍କୁଲ, ଅଙ୍ଗନବାଡ଼ି ନାହିଁ । ସରକାରୀ ବୋରିଂ ଟିଏ ଅଛି ପାଣି ବାହାରୁ ନାହିଁ । ଏନ.ଜି.ଓ ଟେ ଦେଇ ଥିବା ବୋରିଂରୁ ପାଣି ପିଉଛନ୍ତି । କିଛି ବର୍ଷ ପୂର୍ବ ? ନାଳ ପାଣି ଥିଲା ଭରସା । ଚାଷ ଜମି ନଥିଲା ସଙ୍ଗେ ସମାନ । ଡଙ୍ଗର ଓ ଜଙ୍ଗଲ ତାଙ୍କର ଚାଷ ଫସଲର ଭରସା । ସେ ଚାଷ କରନ୍ତି, ଧାନ, ମାଣ୍ଡିଆ, ଶୁଆଁ, କୋଳଥ, ବିରି । ପରିବା ଚାଷରେ କରନ୍ତି, କୁମୁଡ଼ା, ବାଇଗଣ, ଲାଉ, ବିଲାତି, ଶିମ୍ବ, ଝଟା ଇତ୍ୟାଦି । ବଣରୁ ଓ ଗାଁରୁ ପା'ଆନ୍ତି ବିଭିନ୍ନ ପ୍ରକାର ଫଳ, କୋଳି, ଯଥା, ଆମ୍ବ, ତେନ୍ତୁଳି, ସୀତା ଫଳ, ଅମୃତ, କେନ୍ଦୁ, ଟୋଲ-ମହୁଲ, ଖଜୁର, ଡିମ୍ବିରି, ତାଳ, ଇତ୍ୟାଦି । ବଣରୁ ପାଆନ୍ତି ବିଭିନ୍ନ ଛତୁ, କନ୍ଦା, ବାଉଁଶ ପୁଆ, ଶାଗ ଇତ୍ୟାଦି ବଞ୍ଚିବା ପାଇଁ । ଖାଇବା ଅଭାବ ପ୍ରାୟ ନାହିଁ, କାରଣ ସରକାରବି ଦିଅନ୍ତି ଚାଉଳ ପ୍ରତ୍ୟେକ ପରିବାର ପାଇଁ । ଗାଁରେ କିନ୍ତୁ ଅଛି ଏଲେକ୍ଟ୍ରି ଲାଇନ । ହେଲେ, ଜଳ ସେଚନର ବ୍ୟବସ୍ଥା ନାହିଁ । ମାଆ ମାନେ କହିଲେ, ସବୁଠୁ ବଡ ଅସୁବିଧା ହେଉଛି, ପ୍ରସୂତି ମାଁ କୁ ବୋହିବାକୁ ଆସି ପରୁନି ଆମ୍ବୁଲାନ୍ସ, ଅଟୋ ଇତ୍ୟାଦି । ମାଁ ମାନଙ୍କୁ ଭାର କରି ବୋହା ହେଉଛି ପ୍ରାୟ ଦେଢ଼ ଦୁଇ କିଲୋମିଟର । ଏଠି ପ୍ରାୟ ସମସ୍ତେ ଅପାଠୁଆ । କିନ୍ତୁ ଘରେ ଘରେ ମୋବାଇଲ ଫୋନ୍ ଦେଖନ୍ତି । ମୋଦି, ରାହୁଲ, ନବିନଙ୍କୁ ଜାଣନ୍ତି । ଜଣେ ମଦ୍ୟପ ବାର ବାର କହୁଥିଲେ ' ଆପଣ ମାନେ ଖୁସି ତ ' । ଶେଷରେ ବହୁ ଆଚମ୍ବିତ ବିଷୟ, ବାହାରି ଯିବା ବେଳକୁ, ପୁଣିଥରେ ମାଁ ମାନେ ଧରାଇ ଦେଲେ ପାଣିଡାଳ ଓ କହିଲେ ଆସ ଖାଇ ଦେବ ଦୁଇ ମୁଠା । ମାଁ ମାନଙ୍କର, ପ୍ରାୟ କାହାର ନଥିଲା ସାୟା ଓ ବ୍ଲାଉଜ, ସେମାନେ ଏକ ବସ୍ତ୍ରା । ଆଧୁନିକ ଆଖି ପାଇଁ ସେମାନେ ନୁହନ୍ତି ଅର୍ଦ୍ଧ ନଗ୍ନା । ଦେହର ଜଙ୍ଘ, ଛାତି, ପିଠି ଓ ବକ୍ଷ ଢାଙ୍କି ହୋଇଥିଲା ସତ କିନ୍ତୁ ଲାଗୁଥିଲା ଏନୁହେଁ ଯଥେଷ୍ଟ । ଖାଇବାକୁ ଦେଲେ ପତ୍ରର ବଡ଼ ଦନାରେ ଧଳା ଧଳା ଭାତ, ସାନ ସାନ ଦନାରେ ଗରମ ଗରମ ବିରି ଡାଲି, ସୁଖା ଲଙ୍କା ଓ ରସୁଣରେ ଛୁଙ୍କ ବାସନା, ଆଉ ଗୋଟିଏ ଦନାରେ ଆଳୁ କଷା, ସାଙ୍ଗରେ ଥିଲା ପିଆଜ ଓ ଲୁଣ । ସଫା ସୂତର, ଲିପା ପୁଛା, ରଙ୍ଗ ଦିଆ ମାଟି ଛଣ ଘର । ଅନୁଭବ କରିବାକୁ ବାଧ କଲା, ହଜାର ହଜାର ବର୍ଷ ପୂର୍ବ ? ଏମିତି ବିତାଇ ଥିବେ ଆମ ପୂର୍ବ ପୁରୁଷ । ଖାଇଥିବେ, ଏପରି ସଦ୍ୟ । ପାଇଥିବେ ଅନେକଙ୍କୁ ଭଲ । ବଞ୍ଚି ଥିବେ ମେଲେରିଆ ଓ ଘାତକ ରୋଗରୁ ନିଶ୍ଚୟ । ତେବେ ଆଜିଯାଏଁ କାହିଁକି ନାହିଁ ରାସ୍ତା, ଅଙ୍ଗନୱାଡ଼ି,ସ୍କୁଲ ?

ଗୁପ୍ତେଶ୍ୱରରେ ଥିବେ, ପଥରର ଗୁପ୍ତ ଇଶ୍ୱର, ଏହା ଥିଲା ଅନୁମାନ । କିନ୍ତୁ ଗୁପ୍ତେଶ୍ୱରର ଉଇଗୁଡ଼ା ଓ ଡେପ ଗୁଡ଼ରେ ଅନେକ ଜୀବନ୍ତ ଇଶ୍ୱର । ସର୍ବ ଶେଷରେ ବାହାରିଲା ବେଳକୁ ଧରାଇ ଦେଲେ, ଗଣ୍ଡୁଳୀ କରି କିଛି ଚାଉଳ, କିଛି ଟମାଟୋ ଆଉ ମସଲା ପାଇଁ କିଛି ପିଆଜ, ଲଙ୍କା, ରସୁଣ । କହିଲେ ଏ ଆମ ଚାଲଣି, ବନ୍ଧୁ ପାଇଁ ଚଇତ୍ରା ପର୍ବ ର ବେଭାର, ନିଅ ବାବୁ ତୁମ ପାଇଁ ।

*ଓକିଲ ଓ ସମାଜ ସେବୀ*
*କଳାହାଣ୍ଡି, ୯୪୩୭୧୦୪୩୦୩*

# ବିକାଶ ବନାମ ବିନାଶ



ସୁବାସ କୁମାର ତାରଣିଆ

ସାମ୍ପ୍ରତିକ ସମୟରେ ସଡ଼କ ଦୁର୍ଘଟଣା ଆମ ଦେଶରେ ଏକ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଛି । ଦିନକୁ ଦିନ ସଡ଼କ ଦୁର୍ଘଟଣା ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି । ଟ୍ରାଫିକ୍ ନିୟମ ନ ମାନି ଗାଡ଼ି ଚଳାଇବା, ବେପରୁଆ ବା ଅନ୍ୟମନସ୍କ ହୋଇ ଗାଡ଼ି ଚଳାଇବା, ଦ୍ରୁତ ବେଗରେ ଗାଡ଼ି ଚଳାଇବା ଏବଂ ବିଶେଷକରି ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର କରିବା ଯୋଗୁଁ ଦୁର୍ଘଟଣା ଘଟିବା ଏକ ପ୍ରମୁଖ କାରଣ । ସେହିପରି ଗାଡ଼ି ଚଳାଇବା ବେଳେ ହେଲମେଟ ନ ପିନ୍ଧିବା, ସିଟ୍‌ବେଲ୍ଟ ନ ବାନ୍ଧିବା ଯୋଗୁ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ବ୍ୟାପକ ଭାବେ ବୃଦ୍ଧି ପାଉଛି । ହେଲମେଟ ପିନ୍ଧି ଗାଡ଼ି ଚଳାଇଲେ ଯଦିଓ ଦୁର୍ଘଟଣା ଘଟିବ ଅନ୍ତତଃପକ୍ଷେ ମୁଣ୍ଡ, ଆଖି ଓ କାନ ଆଘାତରୁ ରକ୍ଷା ପାଇପାରିବ । ଇୟର ଫୋନ୍ ବ୍ୟବହାର ଦ୍ୱାରା ଚାଳକ ଅନ୍ୟମନସ୍କ ହୋଇ ଟ୍ରାଫିକ୍ ସିଗ୍ନାଲକୁ ଧ୍ୟାନ ନଦେବା, ଗାଡ଼ିରୁ ଗାଡ଼ି ସମଦୂରତା ନ ରଖିବା ଏବଂ ରାସ୍ତାର ଭୁଲ୍ ପାର୍ଶ୍ୱରେ ଗାଡ଼ି ଚଳାଇବା ଦ୍ୱାରା ୫ରୁ ୬ଗୁଣ ସଡ଼କ ଦୁର୍ଘଟଣା ବୃଦ୍ଧି ପାଇଥାଏ । ଅସୁରକ୍ଷିତ ରାସ୍ତା ଯୋଗୁ ଦୁର୍ଘଟଣା ହାର ବୃଦ୍ଧି ପାଇବା ମୁଖ୍ୟ କାରଣ ବୋଲି ଜଣାପଡ଼ିଛି । ଏକ ଆକଳନରୁ ଜଣାଯାଇଛି ଯେ, ୨୦୨୦ ମସିହା ଅପେକ୍ଷା ୨୦୨୨ ମସିହାରେ ଦୁର୍ଘଟଣା ହାର ୨୫ ଭାଗ ବୃଦ୍ଧି ପାଇଛି । ୨୦୨୨ ମସିହାରେ ୪,୬୩,୪୧୯ଟି ଦୁର୍ଘଟଣା ଘଟିଥିବା ବେଳେ ୧,୬୮,୪୯୫ ଜଣଙ୍କ ମୃତ୍ୟୁ ଘଟିଛି । ସେଥିମଧ୍ୟରୁ ୨୩, ୩୨୧ଜଣ ମହିଳା ଓ ୯୫୩୦ ଶିଶୁ ଅନ୍ତର୍ଭୁକ୍ତ । ମହିଳାଙ୍କ ଅପେକ୍ଷା ପୁରୁଷମାନେ ଅଧିକ ଦୁର୍ଘଟଣାର ଶିକାର ହୋଇଥାନ୍ତି ।

ଗମନା ଗମନର ସୁବିଧା ତଥା ସୁରକ୍ଷିତ ଓ ନିରାପଦ ଯାତ୍ରା ପାଇଁ ଏବେ ସାରା ଦେଶରେ ଜାତୀୟ ରାଜପଥ ସହିତ ସହରାଞ୍ଚଳ ଓ ଗ୍ରାମାଞ୍ଚଳର ମୁଖ୍ୟରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତ ବେଗରେ ଚାଲୁରହିଛି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ମାତ୍ର ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ଲକ୍ଷ ଲକ୍ଷ ପୁରୁଷ ଓ ମହିଳା ସେମାନଙ୍କର ଜୀବନ ଜୀବିକା ହରାଇ ବସିଥିବା ବେଳେ ରାସ୍ତାର ଦୁଇପାର୍ଶ୍ୱରେ କେଉଁ ଅନାଦି କାଳରୁ ରହି ଆସିଥିବା ଶହ ଶହ ବର୍ଷର ବିରାଟକାୟ ଗଛସବୁକୁ କାଟି ନଷ୍ଟ କରିଦିଆଯାଉଛି । ଏହିସବୁ ଗଛ କଟାଯିବା ଫଳରେ ପରିବେଶ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇବ ଓ ଉତ୍ତାପ ମଧ୍ୟ ବୃଦ୍ଧି ପାଇବ । ଏହାର କୁପ୍ରଭାବ ସମଗ୍ର ଜୀବଜଗତ ଉପରେ ପଡ଼ିବ । ସମୟ ଆସିବ ଭାରତ ଏକ ଉତ୍ତପ୍ତ ଦେଶର ମାନ୍ୟତା ପାଇବାକୁ ପଛଘୁଞ୍ଚା ଦେବନାହିଁ । ଅନେକ ସମୟରେ ଶିଳ୍ପାୟନ, ପ୍ରଶସ୍ତ ସଡ଼କ ଓ ଡ୍ରେନ୍ ଇତ୍ୟାଦି ନିର୍ମାଣରେ ପ୍ରତ୍ୟହ ଲକ୍ଷ ଲକ୍ଷ ଗଛକୁ କାଟି ଦିଆଯାଉଛି । ବିକାଶର କାର୍ଯ୍ୟ ଚାଲୁ, ରାସ୍ତା, ଶିଳ୍ପ, ଡ୍ରେନ୍ ଇତ୍ୟାଦି ନିର୍ମାଣ ହେଉ, ମାତ୍ର ଗଛସବୁକୁ କଟାନଯାଉ, ନଚେତ୍ ବୃକ୍ଷଶୂନ୍ୟ ହୋଇଯିବ ଦେଶ । ପ୍ରଦୂଷଣମୁକ୍ତ ଓ ସବୁଜିମାମୟକୁ ଫେରାଇ ଆଣିବା ଦିଗରେ ଆଉ ଗଛଗୁଡ଼ିକୁ ନ କାଟି ସ୍ଥାନନ୍ତରୀଣ ପ୍ରତିରୋପଣ କୌଶଳ ଆପଣାଇବା ଦରକାର । ପାଶ୍ଚାତ୍ୟ ଦେଶ ସମେତ ଭାରତର ଅନେକ ପଡ଼ୋଶୀ ରାଜ୍ୟରେ ଏବେ ଟ୍ରି-ଟ୍ରାନ୍ସପ୍ଲାଣ୍ଟର ମେସିନ୍‌କୁ ଅଧିକ ପରିମାଣରେ ଗୁରୁତ୍ୱ ଦେଉଥିବାର ଦେଖିବାକୁ ମିଳୁଛି । ଏହି ମେସିନ୍ ସାହାଯ୍ୟରେ ଶହ ଶହ ବର୍ଷର ଗଛକୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ସହଜରେ ସ୍ଥାନାନ୍ତରଣ କରାଯାଇ ପାରିବ । ଫଳରେ ବିକାଶ କାର୍ଯ୍ୟ ସହଜରେ ହୋଇପାରିବ ଓ ଗଛ ମଧ୍ୟ ସୁରକ୍ଷିତ ଭାବେ ବଞ୍ଚି ରହିବ । ମାତ୍ର ଏଥିପ୍ରତି କୌଣସି ବିକଳ୍ପ ବ୍ୟବସ୍ଥା ହାତକୁ ନ ନେବା ଯୋଗୁ ଅନାୟସରେ ଲକ୍ଷ ଲକ୍ଷ ଗଛ ବଳିପଡୁଛି ।

ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଯୋଗୁ ରାସ୍ତା ତ ଚଉଡ଼ା ହେଉଛି । ହେଲେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଲକ୍ଷ ଲକ୍ଷ ବାସଗୃହ ଓ ଦୋକାନ ଗୃହକୁ ବୁଲ୍‌ଡୋଜର ସାହାଯ୍ୟରେ ଭାଙ୍ଗି ମାଟିରେ ମିଶାଯାଉଛି । ଫଳରେ ଅନେକ ଲୋକ ବାସଶୂନ୍ୟ ହେଉଛନ୍ତି ଏବଂ ବହୁ ଲୋକ ନିଜର ଦୀର୍ଘ ଦିନର ବ୍ୟବସାୟକୁ ହରାଇ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ଏବଂ ପରିବାର ପ୍ରତିପୋଷଣ କରିବାକୁ ଅକ୍ଷମ ହୋଇପଡ଼ିଛନ୍ତି । ଯଦିଓ କ୍ଷତିଗ୍ରସ୍ତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି, ତାହା ସମୁଦ୍ରକୁ ଶଙ୍ଖେ । ଏହି ଆର୍ଥିକ ସହାୟତାକୁ ବିନିଯୋଗ କରି ପୁନର୍ବାର ଘରଖଣ୍ଡେ କରି ବ୍ୟବସାୟ ଆରମ୍ଭ କରିବାକୁ ହେଲେ ଅନେକ ସମୟ ଲାଗିବ ଓ ବ୍ୟବସାୟର ପୂର୍ବାବସ୍ଥାକୁ ଫେରି ଆର୍ଥିକସ୍ଥିତି ସୁଦୃଢ କରିବାକୁ କେତେ ବର୍ଷ ଲାଗିବ ତାହା କହିବା ମୁସ୍କିଲ । ସେହିପରି ରାସ୍ତା ସମ୍ପ୍ରସାରଣ ପାଇଁ କଟାଯାଉଥିବା ଗଛମାନଙ୍କ ପ୍ରଭାବରେ ପରିବେଶ ମାତ୍ରାଧିକ ଭାବରେ ପ୍ରଭାବିତ ହେବ । ଯେଉଁ ଅନୁପାତରେ ଗଛସବୁ କଟା ଚାଲିଛି, ସେହି ଅନୁପାତରେ ବୃକ୍ଷରୋପଣ କରାଯାଉ ନାହିଁ । ଜଙ୍ଗଲ ସୁରକ୍ଷା, ଗଛର ସୁରକ୍ଷା ପରିବର୍ତ୍ତେ ବ୍ୟାପକ ବୃକ୍ଷ ଛେଦନ ଯୋଗୁ ଅମ୍ଳଜାନର ଅଭାବ ପରିପୂରଣ ପାଇଁ ଯଥେଷ୍ଟ ଗଛ ନଥିବାରୁ ଦିଲ୍ଲୀ, ମୁମ୍ବାଇ ଆଦି ସହରରେ ଅକ୍ସିଜେନ ପାର୍ଲରମାନ ଖୋଲିଲାଣି ଏବଂ ଦୋକାନ ବଜାରରେ ତଥା ଚୀନର ରାଜଧାନୀ ବେଜିଂରେ ୧୮ ଡଲାରରେ ଏକ ଲିଟର ଅମ୍ଳଜାନ ବିକ୍ରି ହେଲାଣି । ଅନୁରୂପ ଭାବରେ ଦିଲ୍ଲୀ, ମୁମ୍ବାଇ ଆଦି ପ୍ରଦୂଷିତ ସହରମାନଙ୍କରେ ଅକ୍ସିଜେନ ଥଳି ଦୋକାନ ବଜାରରେ ବିକ୍ରି ହେବା ଆରମ୍ଭ ହେଲାଣି । ତେଣୁ ଆଗାମୀ ଦିନରେ ବାହାରକୁ ଗଲେ ଏକ ସଫା ପାଣି ବୋତଲ ସହ ଅକ୍ସିଜେନ ଥଳି ଧରି ଯିବାର ସମୟ ଆସୁଛି । ଗଛସବୁ କଟାଯିବା ଯୋଗୁ ସମଗ୍ର ବିଶ୍ୱର ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ମୁଖ୍ୟ ସମସ୍ୟା ହୋଇ ଠିଆ ହୋଇଛି । ଏହାଦ୍ୱାରା ଖୁବ୍ ଶୀଘ୍ର ସମୁଦ୍ର ପତନ ବୃଦ୍ଧି ପାଇ ବିଶ୍ୱର ଅନେକ ସମୁଦ୍ର ତଟସ୍ଥ ସହର, ଦେଶ ତଥା ରାଜ୍ୟର ବହୁ ସହର ୫ ଫୁଟ ପାଣି ଭିତରେ ରହିବ ବୋଲି ବିଶ୍ୱ ପରିବେଶବିଜ୍ଞାନୀମାନେ ପୂର୍ବାନୁମାନ କରିଛନ୍ତି । ଯଦିଓ ପ୍ରଶାସନ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ କରାଯାଏ, ତେବେ କଟା ଯାଇଥିବା ଗଛ ଗୁଡ଼ିକର ଅଭାବ ପୂରଣ ପାଇଁ କେତେଶହ ବର୍ଷ ଲାଗିବ ତାହା ଆମର ଆଗାମୀ ଭବିଷ୍ୟତର ପୀଢିମାନେ ଦେଖିବାକୁ ବାକିରହିଲା ।

ରାସ୍ତା ସମ୍ପ୍ରସାରଣ ବା ଓସାର ଫଳରେ ଗମନା ଗମନର ସୁବିଧା ହେବ ସତ, ମାତ୍ର ସଡ଼କ ଦୁର୍ଘଟଣା ମାତ୍ରାଧିକ ବୃଦ୍ଧି ପାଇବ । ବର୍ତ୍ତମାନ ଦିନକୁ ଦିନ ଗାଡ଼ି ମଟର ସଂଖ୍ୟା ବଢ଼ିବାରେ ଲାଗିଛି । ରାସ୍ତା ସମ୍ପ୍ରସାରଣ ଫଳରେ ଚାଳକମାନେ ଅଧିକ ବେଗରେ ଗାଡ଼ି ଚଳାଇବେ । ବିଶେଷକରି ଯୁବଗୋଷ୍ଠୀମାନେ ଆବଶ୍ୟକତା ଠାରୁ ଅଧିକ ବେଗରେ ବେପରୁଆ ଭାବେ ଗାଡ଼ି ଚଳାଇବେ ଏବଂ ରାସ୍ତାରେ ଚାଲି ଚାଲି ଯାଉଥିବା ବ୍ୟକ୍ତି ଓ ସାଇକେଲ ଆରୋହୀମାନେ ବିଶେଷଭାବେ ଦୁର୍ଘଟଣାର ଶିକାର ହେବେ । ଯାହା ବ୍ୟକ୍ତି ଓ ପରିବାର ପାଇଁ ଆର୍ଥିକ ବୋଝ ପାଲଟିବ । ଏହି ସଡକ ଦୁର୍ଘଟଣାରେ କିଏ ବାପକୁ ହରାଇବ, ତ କିଏ ପୁଅକୁ ହରାଇବ ଆଉ କିଏ ଭାଇକୁ ହରାଇ ତ ଆଉ କେହି ସବୁଦିନ ପାଇଁ ଅକର୍ମଣ୍ୟ ହୋଇ ଜୀବନ ସହ ସଂଗ୍ରାମ କରି ବଞ୍ଚିବ । ଖାଦ୍ୟ, ବସ୍ତ୍ର ଓ ବାସଗୃହ ପରି ଗଛ ମଧ୍ୟ ମଣିଷ ପାଇଁ ନିହାତି ଅପରିହାର୍ଯ୍ୟ । ତୃଷ୍ଣା ନିବାରଣ ପାଇଁ ଖାଦ୍ୟ, ଲଜ୍ଜା ନିବାରଣ ପାଇଁ ବସ୍ତ୍ର, ଖରା, ବର୍ଷା ଓ ଶୀତ ଦାଉରୁ ରକ୍ଷା ପାଇଁ ଖଣ୍ଡିଏ ବାସଗୃହ ଏବଂ ସୁସ୍ଥ ପରିବେଶ, ମୁକ୍ତ ପବନ ପାଇଁ ଗଛଟିଏ ପ୍ରତ୍ୟେକ ମଣିଷର ନହାତି ଦରକର । ସାମ୍ପ୍ରତିକ ସମୟରେ ପରିବେଶ ସୁରକ୍ଷା, ଉତ୍ତାପ ବୃଦ୍ଧି ଓ ଜଳବାୟୁ ପରିବର୍ତ୍ତନ ଆଦି ଦୈବ ଦୁର୍ବିପାକରୁ ଉଦ୍ଭିଦ ଜଗତ ଓ ପ୍ରାଣୀ ଜଗତକୁ ରକ୍ଷା କରିବା ପାଇଁ ବୃକ୍ଷରୋପଣ ଏକ ଶ୍ରେଷ୍ଠ ମାଧ୍ୟମ । ତେଣୁ ଗଛଟିଏ ଲଗାଇବା ବଦଳରେ ବିକାଶ ନାମରେ ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରି କେଉଁ ଅନାଦି କାଳରୁ ରହି ଆସିଥିବା ଗଛ ସବୁକୁ କାଟି ଧ୍ୱଂସ କରିବା, ରାସ୍ତାକଡ଼ରେ ଥିବା ଦୋକାନ ଗୁଡ଼ିକୁ ଭାଙ୍ଗି ଗରିବ ଲୋକମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଦୁର୍ବଳ କରି ରାସ୍ତା ପ୍ରଶସ୍ତିକରଣ କରିବା ଦ୍ୱାରା ରାଜ୍ୟ ତଥା ଦେଶର ବିକାଶ ହେବ ନା ବିନାଶ, ତାହା ପାଠକେ ବିଚାର କରିବେ ।

*କଣ୍ଟି, ବାହାରଣୀ, ବାଲିକୁଦା,*
*ଜଗତସିଂହପୁର*
*ମୋ : ୮୩୨୮୮୪୦୨୧୪*

# ସରକାରୀ ଉଦାସୀନତା ଯୋଗୁଁ ହିଁ ଭୁବନେଶ୍ୱର ର ସୁନ୍ଦରତା ନଷ୍ଟ ହେଉଛି



ପ୍ରଦୀପ୍ତ କୁମାର କର

ସାରା ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଏହାକୁ ସୁନ୍ଦର୍ ଓ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରି ସବୁଜିମା ରେ ଭରି ରାସ୍ତା କଡ଼ରେ ଲାଇଟ୍ ଓ ସୁନ୍ଦର୍ ସୁନ୍ଦର୍ ଫୁଲ ଗଛ ଲଗାଇ ଏହି ମନ୍ଦିର ମାଳିନୀ ସହର କୁ ଆହୁରି ପର୍ଯ୍ୟଟକ ଆକର୍ଷଣ କରିବା ପାଇଁ ଓଡ଼ିଶା ରାଜ୍ୟ ସରକାର ଙ୍କ ନିର୍ଦ୍ଧିଷ୍ଟ ବିଭାଗ ମାନଙ୍କୁ କାର୍ଯ୍ୟ ଭାର ଅର୍ପଣ କରାଯାଇଛି । ଏହା ସହିତ ଭୁବନେଶ୍ୱର ଡେଭଲପମେଣ୍ଟ ଅଥରିଟି , ଭୁବନେଶ୍ୱର ମୁନିଶିପଲ୍ କର୍ପୋରେସନ ଓ ସ୍ମାର୍ଟ୍ ସିଟି କର୍ପୋରେସନ ଏହି ତିନୋଟି ସଂସ୍ଥା ଭୁବନେଶ୍ୱର ର ସର୍ବାଙ୍ଗୀନ ବିକାଶ ଓ ଉନ୍ନୟନ କାର୍ଯ୍ୟ କରନ୍ତି କିନ୍ତୁ ବଡ ଦୁଃଖର ବିଷୟ ଯେ ଏହି ସଂସ୍ଥା ଗୁଡ଼ିକ ଯେପରି ଭାବରେ ସରକାର ଙ୍କ ଠାରୁ ଉନ୍ନୟନ କାର୍ଯ୍ୟ ପାଇଁ ଯେତେ ଅର୍ଥ ପାଆନ୍ତି ସେଥିରୁ ଅନେକାଂଶ ଆତ୍ମସାତ ରେ ଚାଲିଯାଏ । ଜବରଦଖଲ କରି ସରକାରୀ ଜମି ରେ ବସ୍ତି କରିବା ଅନୁଚିତ୍ ହେଲେ ମଧ୍ୟ ସେମାନଙ୍କୁ ଉଠାଇବା ପାଇଁ ସରକାରୀ ସ୍ତରରେ କେବେ କେବେ ଉଚ୍ଛେଦ ହୁଏ ଓ ପରମୁହୂର୍ତ୍ତରେ ଲୋକେ ପୁଣି ଘର ତିଆରି କରିଦିଅନ୍ତି । ସହର ସାରା ରାସ୍ତା ଅବରୋଧ କରି ପରିବା ଦୋକାନ ,ଫଳ ଦୋକାନ ,ପଇଡ ଦୋକାନ ,ପ୍ଲାଷ୍ଟିକ ମନୋହରୀ ସାମଗ୍ରୀ ଦୋକାନ ଏତେ ପରିମାଣରେ ଗଢି ଉଠିଛି ଯେ ସେମାନଙ୍କୁ ହଟାଇବା ଏବେ ଅତି ସଂଘାତିକ ଘଟଣା । କାରଣ ଯଦି ଏହି ସବୁ ଜାଗାରେ ପ୍ରଥମେ ଗୋଟିଏ ଯୋଡିଏ ଦୋକାନ ହେଉ ହେଉ ତାପରେ ସେମାନଙ୍କ ସଂଖ୍ୟା ବଢିଚାଲେ । ଏହା ପଛରେ ଆମ ବିଧାୟକ ଓ ସାଂସଦ ମାନଙ୍କ ପ୍ରଚ୍ଛନ୍ନ ହାତ ରହିଛି । କାରଣ ବସ୍ତି ଯେଉଁଠି ହେଉଛି ସେହି ସ୍ଥାନକୁ ସାର୍ବଜନୀନ ସ୍ନାନାଗାର ଓ ପାଇଖାନା ,ବିଦ୍ୟୁତ୍ ସଂଯୋଗ , ପାନୀୟ ଜଳ ର ବ୍ୟବସ୍ଥା କେବଳ ସେହି ମାନଙ୍କ ଦ୍ୱାରା ହିଁ ସମ୍ଭବ ହୋଇଛି । ଏବେ ସେହି ଦୋକନି ମାନେ ସାଇକଲ ଚଳାଇବା ପାଇଁ ହୋଇ ଥିବା ରାସ୍ତା କୁ ମାଡି ବସିଲେଣି ଓ ଲୋକ ମାନେ ସେଠାରେ ଗାଡ଼ି ପାର୍କିଂ ଆରମ୍ଭ କରି ଦେଲେଣି । ଅନେକ ପୁରୁଣା ବଡ ହେଉ ବା ଛୋଟ ଚାରିଚକିଆ ଯାନ ଅଚଳ ଅବସ୍ଥାରେ ସହର ସାରା ପ୍ରତି ଗଳି କନ୍ଦିରେ ଭରି ରହିଛି ଓ ଅନେକ ପେଟ୍ରୋଲ ପମ୍ପ ରେ ମଧ୍ୟ ପଡ଼ି ରହିଛି । ପ୍ରତି ତିନି ଚାରି ମାସରେ ଥରେ ବିଏମସି ତରଫରୁ ଏହି ଗାଡ଼ି ଉଠାଇବା ପାଇଁ ଘୋଷଣା କରାଯାଏ ଓ ପୁଣି କିଛି କାର୍ଯ୍ୟ ନ ହୋଇ ଚୁପ୍ ଚାପ୍ ରହି ଯାଆନ୍ତି । ଏହି ପୁରୁଣା ଗାଡ଼ି ଗୁଡ଼ିକ ରାସ୍ତା ଅବରୋଧ କରି ସର୍ବସାଧାରଣ ଙ୍କୁ ଅନେକ ହଇରାଣ ରେ ପକାନ୍ତି । ବିଶେଷ କରି ଉଜଚ ଛକ ରେ ରାସ୍ତା ମଝିରେ ରୋଡ ଡି ଭାଇଡର ଏବେ ଦିଆଯାଇଛି କିନ୍ତୁ ତାହା ସେଠାରେ ଦବା ଉଚିତ୍ ନୁହେଁ କାରଣ ସେ ରାସ୍ତା ପ୍ରଥମ ରୁ ହିଁ ସଂକୀର୍ଣ୍ଣ ଥିଲା ସେଥିରେ ରାସ୍ତା ଦୁଇ ପାର୍ଶ୍ୱ କୁ ବିଏମ୍ସି ଲୋକ ମାନଙ୍କୁ ବିଭିନ୍ନ ଦୋକାନ କରିବାକୁ ଅନୁମତି ଦେବାରୁ ସେଠାରେ ଅନେକ ଖାଇବା ଦୋକାନ ଓ ବହି ଦୋକାନ ହେବାରୁ ସକାଳେ ଓ ସନ୍ଧ୍ୟାରେ ଲୋକ ଗହଳି ହୋଇ ରାସ୍ତା ଆହୁରି ସଂକୀର୍ଣ୍ଣ ହୋଇ ଚଳାଚଳ ରେ ଅନେକ ବାଧା ସୃଷ୍ଟି ହେଉଛି । ସେହି ପରି ଗୋପବନ୍ଧୁ ଛକ ଠାରୁ ସିରିପୁର୍ ଟ୍ରାଫିକ ଛକ ଯାଏ ସନ୍ଧ୍ୟାରେ ଗାଡ଼ି ମୋଟର ,ଦୁଇ ଚକିଆ ଯାନ ଏପରିକି ଚାଲିକରି ଯିବା ମୁସ୍କିଲ ହେଉଛି କାରଣ ରାସ୍ତାର ଗୋଟିଏ ପାଖ ସମ୍ପୂର୍ଣ୍ଣ ରୂପେ ଦୋକାନୀ ଙ୍କ ଦ୍ୱାରା ଅବରୋଧ ହୋଇ ରହୁଛି ସେଥି ପାଇଁ ସରକାରୀ ସ୍ତରରେ କୌଣସି ପ୍ରକାରର ପ୍ରତିକ୍ରିୟା ନାହିଁ । ଏ ତ ଗଲା ରାସ୍ତା ଅବରୋଧ ର ଗୋଟିଏ ଦିଗ । ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଅନେକ ମୁଖ୍ୟ ରାସ୍ତା ଯେପରିକି ଦୟା ବ୍ରିଜ ର ରାସ୍ତା କଡ଼ରେ ଅବରୋଧ ହୋଇ କିଛି ଲୋକ କବାଡି ଜିନିଷ ଗଦେଇ ବ୍ୟବସାୟ ଆରମ୍ଭ କରିଛନ୍ତି । ସେହି ରାସ୍ତା ରେ ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଆସିଥାନ୍ତି ଏହାକୁ ଦେଖି ସେମାନେ କି ଧାରଣା ନେବେ । ସେହିପରି ଶିରିପୂର୍ ମାର୍କେଟ କମ୍ପ୍ଲେକ୍ସ ଯାହାକି କୃଷି ବିଶ୍ୱବିଦ୍ୟାଳୟ କଲୋନୀ ଭିତରେ ଅଛି ସେଠାରେ ଏକ ବଡ କବାଡି ବେପାର କରିଛି । ଏପରି ସହର ସାରା ଅନେକ ଜାଗାରେ ଅଛି । ସେହିପରି ସାରା ଭୁବନେଶ୍ୱର ସହର ରେ ଅନେକ କେବୁଲ, ରାସ୍ତା କାମ ,ପୋଲ ନିର୍ମାଣ, ଫେଭର୍ ବ୍ଲକ ବିଛାଇବା ପ୍ରଭୃତି କାମ ପାଇଁ କେବେ କେବେ ରାସ୍ତା ଅବରୋଧ ହୋଇ ଅନେକ ଦୁର୍ଘଟଣା ମଧ୍ୟ ଘଟୁଛି କିନ୍ତୁ ଏହାର କୌଣସି ପ୍ରତିକାର ନାହିଁ । ଅନେକ ମୁଖ୍ୟ ରାସ୍ତା ତଥା ଗଳି ରାସ୍ତା ରେ ଷ୍ଟ୍ରିଟ ଲାଇଟ୍ ଜଳୁ ନାହିଁ ଓ ଅନେକ ଜାଗାରେ ଲାଇଟ୍ ଦରକାର କିନ୍ତୁ ସେଠାରେ ଲୋକଙ୍କ ଅଭିଯୋଗ ସତ୍ତ୍ୱେ ଲାଇଟ୍ ଲଗାଯାଇ ନାହିଁ ଯାହା ଫଳରେ ବୟସ୍କ ଲୋକ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ମୁଁ ସମ୍ବାଦ ପତ୍ର ରୁ ପଢିଲି ଯେ ଅନେକ ମୁଖ୍ୟ ଓ ଭିତର ରାସ୍ତାର କଡ଼ରେ ପୁରୁଣା ଯେଉଁ ଗାଡ଼ି ପଡ଼ି ରହିଛି ତାର ଏକ ପରିସଂଖ୍ୟାନ ଦିଆଯାଇଥିଲା ,କିନ୍ତୁ ପ୍ରକୃତରେ ଏହାର ସଂଖ୍ୟା ଆହୁରି ଅନେକ ଗୁଣ । ସହର କୁ ୱାଲଡ଼ କପ୍ ହକି ସମୟରେ ଯାହା ସଜାଇବା ପାଇଁ ଦ୍ରୁତ ବେଗରେ କାମ ଚାଲିଥିଲା ତାହା ହକି ପ୍ରତିଯୋଗିତା ସରିଗଲା ତଥାପି ଅନେକ ବାକି ରହିଗଲା ଓ ଏବେ ତାହା ଅନେକାଂଶରେ ନଷ୍ଟ ହୋଇ ଗଲାଣି । ଯେଉଁ ବସଷ୍ଟପ୍ ଗୁଡିକରେ ଲାଇଟ୍ ଲାଗିଥିଲା ତାହା ସମ୍ପୂର୍ଣ୍ଣ ଅନ୍ଧକାର ହୋଇ ଗଲାଣି । ମହାପୁରୁଷ ମାନଙ୍କ ପ୍ରତିମୂର୍ତ୍ତି ସାନ୍ଧ୍ୟ ହେଲେ ସମ୍ପୂର୍ଣ୍ଣ ଅନ୍ଧାର ଓ ଏହି ଅନ୍ଧାର ର ସୁବିଧା ନେଇ ଅନେକ ଅସାମାଜିକ ବ୍ୟକ୍ତିମାନେ ସେହି ମୂର୍ତ୍ତି ପଛରେ ଗଞ୍ଜେଇ ଓ ମଦ ସେବନ କରୁଛନ୍ତି ଏହା ଏକ ସମ୍ପୂର୍ଣ୍ଣ ଏକ ସମ୍ବେଦନଶୀଳ ଘଟଣା । ଏଥି ପାଇଁ ସରକାର ଯେଉଁ ବିଭାଗ ଦ୍ୱାରା ଏଗୁଡ଼ିକ ହେଉଛି ସେମାନେ ଅତି ସଂଘାତିକ ଭାବରେ ଏହା ଉପରେ ନଜର ରଖିବାକୁ ହେବ । ଏବେ ରାଜ୍ୟ ସରକାର ବସ୍ତି ଉଚ୍ଛେଦ କରି ସେମାନଙ୍କୁ ଘର କରି ପ୍ରତି ବସ୍ତି ବାସିନ୍ଦା ଙ୍କୁ ଚିହ୍ନିତ କରି ଘର ଦେବାକୁ ସ୍ଥିର କରିଛନ୍ତି । କିନ୍ତୁ ସେଥିପାଇଁ ସେମାନଙ୍କୁ କିଛି ପଇସା ଦେବାକୁ ହେବ ଏହା ସମସ୍ତ ଙ୍କ ପାଇଁ ସମ୍ଭବ ନୁହେଁ, କାରଣ ସେହି ବସ୍ତି ରେ ଏପରି ଲୋକ ଅଛନ୍ତି ଯେ ଯେଉଁ ମାନେ ପ୍ରତିଦିନ ମୁଠାଏ ଖାଇବାକୁ ମଧ୍ୟ ପାଆନ୍ତି ନାହିଁ ତେବେ ସେ କିପରି କିଛି ପଇସା ଘର ପାଇଁ ଦେଇପାରିବ । ଏ ସବୁ ସରକାର ଖୁବ୍ ଗମ୍ଭୀରତା ର ସହିତ ଚିନ୍ତା କରିବା ଆବଶ୍ୟକ । ସାରା ରାଜ୍ୟରେ ଛତୁ ଫୁଟିଲା ପରି apartments ସରକାର ଙ୍କ ଅନୁମତିରେ ତିଆରି ହେଉଛି କିନ୍ତୁ କେହି ଜଣେ ହେଲେ apartment ତିଆରି କରିବା ପାଇଁ ଯେଉଁ ବଡ ବଡ ଗଛ କାଟୁଛନ୍ତି ବା ଘର ତିଆରି ପରେ ନିଜ ପରିବେଶ ଭିତରେ ଗଛ ଲଗାଉ ନାହାନ୍ତି ଯାହା ଫଳରେ ପରିବେଶ ସନ୍ତୁଳନ ସମ୍ପୂର୍ଣ୍ଣ ବିଗିଡି ଯାଉଛି । ସେହି ପରି ଯାତାୟାତ ପାଇଁ ଅନେକ ରାସ୍ତା ତିଆରି କରିବା ପାଇଁ ଅନେକ ପୁରୁଣା ବଡ ବଡ ଗଛ କରାଯାଉଛି କିନ୍ତୁ ତା ବଦଳରେ ଆଉ ନୂଆ ବୃକ୍ଷ ରୋପଣ ହେଉ ନାହିଁ ଯାହା କି ପରିବେଶ ପାଇଁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି । ଏବେ ସାରା ବିଶ୍ୱରେ ଗ୍ଲୋବାଲ ୱର୍ମୀଙ୍ଗ ଯୋଗୁଁ ମେରୁ ଅଞ୍ଚଳ ରେ ଓ ହିମାଳୟ ରୁ ବରଫ ତରଳିବା ଆରମ୍ଭ ହୋଇ ସାରିଲାଣି ଯାହା କି ସାରା ବିଶ୍ୱ ପାଇଁ ଏକ ଭୀଷଣ ଚିନ୍ତାର ବିଷୟ । ଯଦି ଆମେ ଏହାକୁ ଏବେ ଠାରୁ ନ ଜଗିବା ତେବେ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହେବ ।

ପ୍ଲଟ ନଂ ୨୫,ସୂର୍ଯ୍ୟ ନଗର
ଭୁବନେଶ୍ୱର, ମୋ-୯୪୩୭୦୮୪୩୧୨

# ନିର୍ବାଚନରେ ଓଡ଼ିଶା କଂଗ୍ରେସ



ଗିରିଧାରୀ ସାମଲ

ଲୋକସଭା ନିର୍ବାଚନକୁ ନେଇ ବିଭିନ୍ନ ଦଳ ପରି କଂଗ୍ରେସ ଦଳ ପକ୍ଷରୁ ଘୋଷଣା ପତ୍ର ଜାରି ହୋଇଛି । ୪୮ ପୃଷ୍ଠା ଏହି ଘୋଷଣା ପତ୍ରର ନାମ ରହିଛି ନ୍ୟାୟ ପତ୍ର । ୫ ନ୍ୟାୟ ଓ ୨୫ ଗ୍ୟାରେଣ୍ଟିର ଘୋଷଣା ଏହି ନ୍ୟାୟ ପତ୍ରରେ । ବଡ଼ ନିର୍ବାଚନ ପ୍ରତିଶ୍ରୁତି ଘୋଷଣା ପତ୍ରରେ ଦଳ ଦେଇଛି । ଘୋଷଣା ପତ୍ରରେ ଯୁବା, ମହିଳା, ଶ୍ରମିକ ଓ କୃଷକଙ୍କୁ ଅଧିକ ଫୋକସ କରିଛି ଦଳ । ସେହିପରି ଓଡ଼ିଶାରେ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ଚଳିତ ନିର୍ବାଚନ ଲଢୁଛି । ଓଡ଼ିଶାରେ ବିଜେଡ଼ି ଓ ବିଜେପିର ମେଣ୍ଟ ହୋଇଥିଲେ କଂଗ୍ରେସ ଓଡ଼ିଶାରେ ଭଲ ଫଳ ନିଶ୍ଚିନ୍ତ ପାଇଥାନ୍ତା ତେବେ ସେମାନଙ୍କ ଭିତରେ ମେଣ୍ଟ ନ ହେବା କାରଣରୁ ଏବେ ଅସଲ ରାଜନୀତିର ଅଗ୍ନୀ ପରୀକ୍ଷା ଦେବେ ଓଡ଼ିଶା କଂଗ୍ରେସ । ନିଜେ ଗୋଟିଏ ଜାତୀୟ ଦଳ ହୋଇଥିଲେ ମଧ୍ୟ ତା ସାମ୍ନାରେ ବିଜେପି ପରି ଏକ ବଡ଼ ଜାତୀୟ ଦଳ ଓ ବିଜେଡ଼ି ପରି ବେଶ ସଶକ୍ତ ଓ ଶକ୍ତିଶାଳୀ ଆଞ୍ଚଳିକ ଦଳ ରହିଛି । ଓଡ଼ିଶାରେ କଂଗ୍ରେସର ଚେହେରା ବୋଇଲେ କେବଳ ରାହୁଲ ଗାନ୍ଧୀ । କାରଣ ଓଡ଼ିଶାରେ କଂଗ୍ରେସର ସେପରି ଭୋଟ ପୁଲର ଚେହେରା ନାହାଁନ୍ତି । ଓଡ଼ିଶାରେ କଂଗ୍ରେସ ଶାସକ ବିଜେଡ଼ି ବିରୁଦ୍ଧରେ କ'ଣ ରଣନୀତି ତିଆରି କରିଛି ତାହା ତାଙ୍କ ଘୋଷଣା ପତ୍ରରେ ଏକ ପ୍ରକାର ନିର୍ବାଚନ ଇସ୍ତାହାର ମାଧ୍ୟମରେ ପ୍ରକାଶ କରିଛି କହିଲେ ଚଳେ । ଓଡ଼ିଶା କଂଗ୍ରେସରେ ଏବେ ବଡ଼ ଚେହେରା ଭିତରେ ଏକକୁ ଆରକେ ନିଜକୁ ଭାବୁଥିବାରୁ ତାହା ହିଁ ସେମାନଙ୍କ ରାଜନୈତିକ ପଶ୍ଚାତ ଗତିର କାରଣ ହୋଇଥାଏ । ଦଳରେ ଗୁଣୀ, ଜ୍ଞାନୀ, ଧନୀ, ବାହୁବଳୀ ବ୍ୟକ୍ତିତ୍ୱ ଯେ ନାହାଁନ୍ତି ତାହା ନୁହେଁ କିନ୍ତୁ ଓଡ଼ିଶା କଂଗ୍ରେସ ଅନେକ ସମୟରେ ଦିଗହରା ନେତୃତ୍ୱ ପଛରେ ରହିଥିବାର ରାଜନୈତିକ ସମୀକ୍ଷକମାନେ କୁହନ୍ତି । ଓଡ଼ିଶା ରାଜନୀତିର ବିଧାନସଭା ନିର୍ବାଚନ ମଣ୍ଡଳୀ ଭିତରେ ଅନେକଙ୍କର ବାରବାଟୀ କଟକ ବିଧାନସଭା କ୍ଷେତ୍ରରେ ଉପରେ ରହିଥାଏ । କାରଣ ଏହି ହାଇଭୋଲଟେଜ ବିଧାନସଭା ସିଟରୁ ସମୀର ଦେ, ଦେବାଶିଷ ସାମନ୍ତରାୟଙ୍କ ପରି ନେତା ଗତ ନିର୍ବାଚନରେ ଛିଡ଼ା ହୋଇଥିଲେ । ୨୦୧୯ରେ କଂଗ୍ରେସ ପକ୍ଷରୁ ଇଂ.ମହମ୍ମଦ ମୋକିମ ୩୭.୫୭% ଭୋଟ ଭାବରେ ୫୦ ହଜାର ୨୪୪ ଖଣ୍ଡ ଭୋଟ ପାଇଥିବାବେଳେ ବିଜେଡ଼ିର ଦେବାଶିଷ ସାମନ୍ତରାୟ ୩୪.୭୧% ଭାବେ ୪୬ ହଜାର ୪୧୭ ଖଣ୍ଡ ଭୋଟ ପାଇଥିଲେ । ବିଜେପିର ସମୀର ଦେ ୨୫.୩% ଭାବେ ୩୩ ହଜାର ୮୨୫ ଖଣ୍ଡ ଭୋଟ ପାଇଥିଲେ । ଓଡ଼ିଶାର କଂଗ୍ରେସର ନିର୍ବାଚନ କ୍ଷେତ୍ରକୁ ଦେଖିଲେ ଜଣାଯାଏ ଯେ ଏଥର ୬୦ରୁ ଉର୍ଦ୍ଧ୍ୱ ଅଧିକ ସିଟରେ ନିର୍ଣ୍ଣୟକ ଭୂମିକାରେ ରହିବ । କାରଣ ବଡ଼ ଦଳ କହୁଥିଲେ ବି ବିଜେପି ଓ ବିଜେଡ଼ିର ଅନେକ ପ୍ରାର୍ଥୀ ମାନଙ୍କର ବିଜୟ ସମ୍ଭାବନାକୁ ଉଣେଇଶ ବିଶ କରିବାରେ କଂଗ୍ରେସ କିଙ୍ଗ ମେକର ଭୂମିକା ନେଇପାରେ । ୨୦୧୯ ମସିହାରେ ନଅଜଣ ବିଧାୟକ କଂଗ୍ରେସରୁ ଜିତିଥିଲେ । ୩୧ଟି ଆସନରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଦଳ କିନ୍ତୁ ପାଖାପାଖି ୬୦ଟି ସିଟରେ ମଜଭୁତ ରହିଥିଲା । ତେଣୁ ଚଳିତ ନିର୍ବାଚନରେ କଂଗ୍ରେସ ଅଧିକ ଜୋର ଲଗାଇ ଲଢ଼ିଲେ ବିଜେଡ଼ି ଓ ବିଜେପିର କିଛି ସିଟ ନିଜ ପଟକୁ ଆଣିବାରେ ସମର୍ଥ ହୋଇପାରିବ । ଓଡ଼ିଶାରେ ସରକାରଙ୍କ ଶାସନ ବିରୁଦ୍ଧରେ ଓ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ସରକାରର ଅନେକ ନୀତିଗତ ନିଷ୍ପତ୍ତି ବିରୁଦ୍ଧରେ କଂଗ୍ରେସ ଜନମତ ତିଆରି କରିପାରିଲେ ଏହା ଭୋଟରେ ପରିବର୍ତ୍ତିତ ହୋଇପାରନ୍ତା ତେବେ ଏହା ପାଇଁ ଯୋଜନାବଦ୍ଧ ରଣନୀତି ଓ ପାଣ୍ଠି ମଧ୍ୟ ଦରକାର । ଖୋର୍ଦ୍ଧାରେ ଓଡ଼ିଶା କଂଗ୍ରେସର ଅନ୍ୟତମ ଲୋକପ୍ରିୟ ଚେହେରା କୁହାଯାଉଥିବା ସୁରେନ୍ଦ୍ର ରାଉତରାୟଙ୍କୁ ଦଳ ଛଅ ବର୍ଷ ପାଇଁ ବହିଷ୍କାର କରିଛି । ଏହାର ପ୍ରଭାବ ନିଶ୍ଚିନ୍ତ ଜଟଣୀ ଉପରେ ପଡ଼ିବାର ସମ୍ଭାବନା ଅଛି । ପଶ୍ଚିମାଞ୍ଚଳର ଭୋଟ କେବଳ ବିଜେପିର ନୁହଁ କଂଗ୍ରେସ ବିରୁଦ୍ଧରେ ମଧ୍ୟ ଚଳିତ ଥର ବିଜେଡ଼ି ଏକ ଚକିତ କଲାପରି ମାଷ୍ଟର ଷ୍ଟ୍ରୋକ ଖେଳି ନବୀନ ପଟ୍ଟନାୟକଙ୍କୁ କଣ୍ଟାବାଞ୍ଜିରୁ ପ୍ରାର୍ଥୀ କରିଛି । ଏଠାରୁ ସନ୍ତୋଷ ସିଂହ ସାଲୁଜା ଚାରି ଚାରି ଥର ରେକର୍ଡ଼ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି । ଓଡ଼ିଶାରେ ବିଜେଡ଼ି ବିଜେପି ଭିତରେ ଯେ ଏକ ଅଘୋଷିତ ସମ୍ପର୍କ ରହିଛି ଓ କେନ୍ଦ୍ର-ରାଜ୍ୟ ପରସ୍ପର ପରସ୍ପରର ସ୍ୱାର୍ଥକୁ ଦେଖି ସମର୍ଥନ ଓ ବିରୋଧଭାଷ କରୁଛନ୍ତି ବୋଲି କଂଗ୍ରେସ ବିଶେଷକରି ବୁଦ୍ଧିଜୀବୀ ମାନଙ୍କୁ ବୁଝାଇପାରିଲେ ଭୋଟ ସଂଖ୍ୟା ବଢ଼ିପାରିବ । ଓଡ଼ିଶା କଂଗ୍ରେସ ସବୁବେଳେ ଇଂ.ମହମ୍ମଦ ମୋକିମଙ୍କ ଦୀର୍ଘ ଦିନର ଅଭିଜ୍ଞତାକୁ ନିର୍ବାଚନରେ ବ୍ୟବହାର କରିଥାଏ । କେବଳ ବାରବାଟୀ କଟକ ନୁହେଁ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ତାଙ୍କର ସଂଗଠନ ଓ ଲୋକପ୍ରିୟ ପ୍ରଭାବ ରହିଛି । ଚଳିତ ନିର୍ବାଚନରେ ହଜାର ବର୍ଷର ସହର ଭାବେ ପରିଚିତ କଟକର ନିର୍ବାଚନ ମଣ୍ଡଳୀ ବାରବାଟୀ କଟକ ଅନ୍ତର୍ଭୁକ୍ତ । ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ କଂଗ୍ରେସ ଓ ବିଜେଡ଼ି ମଧ୍ୟରେ ଲଢେଇ ହୋଇଛି । ଚଳିତ ଥର କଂଗ୍ରେସର ବିଧାୟକ ମହମ୍ମଦ ମୋକିମଙ୍କ ଉପରୁ ପୁନର୍ବାର ପ୍ରାର୍ଥୀ କରିବ । ତେବେ ଦଳ ନିଲମ୍ବନ ହଟାଇବା ପରେ ଏହା ସମ୍ଭବ ହେବ । ଓଡ଼ିଶା କଂଗ୍ରେସରେ ଇଂ.ମହମ୍ମଦ ମୋକିମରଙ୍କର ମଧ୍ୟ ଯଥେଷ୍ଟ ପ୍ରଭାବ ରହିଛି । ଓଡ଼ିଶା ରାଜନୀତିରେ ଜଣେ ଉତ୍ତମ ଲୋକପ୍ରିୟ ସଂଗଠକ ଓ ପରୋପକାରୀ ଲୋକପ୍ରିୟ ନେତା ଭାବେ ସେ ପରିଚିତ । କେବଳ ରାଜନୀତି ନୁହେଁ ସେ ବ୍ୟକ୍ତିଗତ ଭାବରେ ଏବଂ ଅନୁଷ୍ଠାନ ମାଧ୍ୟମରେ ଅନେକ ସେବାମୂଳକ ଓ ଦାତବ୍ୟ କାର୍ଯ୍ୟକ୍ରମ ସହ ମଧ୍ୟ ଜଡ଼ିତ । ଭାଇଚାରା ସହର କଟକରେ ଅନେକ ସମୟରେ କୌଣସି ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହେଲେ ପ୍ରଶାସନ ତାଙ୍କର ସହାୟତା ନେବାର ମଧ୍ୟ ନଜିର ରହିଛି । କହିବାକୁ ଗଲେ କଟକ ସହରରେ ତାଙ୍କର ଏକ ପକ୍କାଡ ସଂଗଠନ ସହ ବିଭିନ୍ନ ବସ୍ତୀ ଅଞ୍ଚଳରେ ମଧ୍ୟ ତାଙ୍କର ସୁଦୃଢ଼ ଭୋଟ ବ୍ୟାଙ୍କ ରହିଛି । ତେଣୁ ଏଥର ଇଂ.ମୋକିମ ନିର୍ବାଚନ ଲଢ଼ିବେ ପୁନର୍ବାର ବିଜୟ ସମ୍ଭାବନା ଉଜ୍ଜ୍ୱଳ । ଓଡ଼ିଶା ରାଜନୀତିରେ କଂଗ୍ରେସର ଏହିପରି ବିଧାୟକ ଚେହେରା ରହିବା ଦରକାର । କାରଣ ନିର୍ବାଚନ ଗଣିତରେ ସ୍ଥାନୀୟ ସଂଗଠନକୁ ଦୃଢ଼ କରିବା ସହ ଲୋକମାନଙ୍କ ସମସ୍ୟା ମୁକାବିଲାରେ ସବୁବେଳେ ସଚେତନ ରହିଲେ ଏହା ହିଁ ଲୋକପ୍ରିୟତା ବଢ଼ାଇ ପାରିବ । ଓଡ଼ିଶା କଂଗ୍ରେସ ନିଜକୁ ବେଶ ସଂଗଠିତ କରି ଦୁଇ ଦୁଇଟି ଟାଣୁଆ ଦଳ ସହ ଲଢ଼ିବା ପାଇଁ ସ୍ୱତନ୍ତ୍ର ରଣନୀତି ନେଇ ଆଗେଇଲେ ସେମାନଙ୍କ ପୂର୍ବର ୯ ସଂଖ୍ୟା ଆଗକୁ ବଢ଼ିପାରେ । କାରଣ ଓଡ଼ିଶାରେ ବିଜେଡ଼ି ଓ ବିଜେପି ଠାରୁ ବେଶ ଶକ୍ତିଶାଳୀ ଆହ୍ୱାନକୁ କଂଗ୍ରେସ ମୁକାବିଲା କରିବା ପାଇଁ ଏକଜୁଟର ବଳର ସହ ଲଢ଼ିପାରିଲେ ଏହା ସେମାନଙ୍କ ଭୋଟ ବ୍ୟାଙ୍କକୁ ବଢ଼ାଇ ପାରିବ । ତେବେ ଓଡ଼ିଶାରେ କଂଗ୍ରେସ କେତେ ସଫଳତା ପାଇପାରିବ ଏହା ନିର୍ବାଚନ ଫଳାଫଳ ପରେ ହିଁ ଜଣା ପଡ଼ିଯିବ ।

ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ,
ତୁଳସୀପୁର, କଟକ,
ଦୂରଭାଷ : ୯୪୩୭୪୫୦୧୧୪




# ତୁମେ ପରମ ଆତ୍ମୀୟ

ଅପ୍ରେଲ 'ଆଠ' - ଆପଣଙ୍କର ଏ ଧରାପୃଷ୍ଠରେ ଅବତରଣର ମୋହଭଗ୍ନ ଲଗ୍ନ। ଶୋଭନୀୟ ପଥରେ ବିଶ୍ୱକୁ ଅନୁଗାମୀ କରାଇବା ପାଇଁ ଚମତ୍କାର ଚେତନାର ମହୋତ୍ସବ ଓ ପବିତ୍ର ମୁହୂର୍ତ୍ତ। ଭୀଷଣ ଭୟଙ୍କର ଏ ରାତ୍ରି। ଅପର ପକ୍ଷରେ ଅତି ବିରଳ ଏ ତିଥି। ସବୁବେଳେ ଆସେନା। ଏ ଦିବ୍ୟାନୁଭୂତିର ମହାର୍ଘ ମୁହୂର୍ତ୍ତ ଅଣ୍ଟାଳି ହେଲେ ବି ପଛରେ ମିଳେନା। ଏହି ସମୟରେ ମନରେ ଶୁଦ୍ଧ ସୁଭାବର ରଙ୍ଗ ଲାଗେ। ରଙ୍ଗୀନ କାଗଜରେ ଦିଗ୍‌ବିଦିଗରେ ତୁମ ସଦ୍‌ଭାବନାର ମହକ ସମାଜ ବନକୁ ବାସ୍ନାୟିତ କରେ। ପବନରେ ଚତୁର୍ଦ୍ଦିଗରେ ଖେଳିବୁଲେ। ସୂର୍ଯ୍ୟ ଲାଗେ ନୂଆ ନୂଆ। କିଛି ନୂଆ ସମ୍ଭାବନାର ଆଶାରେ ସବୁ ମଣିଷଙ୍କ ମୁହଁ ବି ଲାଗେ ନୂଆ ନୂଆ। ସବୁ ପାଦପର କିଶଳୟ, ମର୍ମରିତ ପତ୍ର, ନଦୀର ଜଳଧାରା, ସାଗରର ଉର୍ମି, ନୀଳ ଆକାଶର ପହଁରା ବାଦଲ, ଦେବାଳୟର ଘଣ୍ଟ, ସନ୍ଧ୍ୟାର ଦୀପାଞ୍ଜଳି ଆଉ ହୃଦୟବେଦୀର ଦୀପାଲୋକ - ସବୁ କେମିତି ତୁମ ଆଗମନୀର କସ୍ତୁରୀ ବାସ୍ନାରେ ବିହ୍ୱଳ ମଧୁରତା ଭରା ନୂତନ ଅନୁଭୂତିରେ ପବିତ୍ରରୁ ପବିତ୍ରତମ ହୋଇଉଠେ। ନବ ସଂକଳ୍ପର ମାଧୁର୍ଯ୍ୟାଲୋକରେ ହାଲୋରମୟ ହୁଏ। ଏହି ଦିବ୍ୟ ମୁହୂର୍ତ୍ତ ସତରେ ବହୁ ଅପେକ୍ଷିତ, ବହୁ ପ୍ରତୀକ୍ଷିତ, ବହୁ ଆକାଂକ୍ଷିତ। ଜଣେ ନୁହେଁ ସମଗ୍ର ପୃଥିବୀବାସୀଙ୍କ ପାଇଁ ଏ ମହା ମହାର୍ଘ ଶୁଭମୟ ଲଗ୍ନ। କାହିଁ ଦୀପ, ଧୂପ, ଦୂବ, ଅକ୍ଷତ, ଭକ୍ତି, ନୈବେଦ୍ୟର ପ୍ରସ୍ତୁତି ? ସୁନ୍ଦର ଏ ପୃଥିବୀ ଯେ ଆଜି ଅଶୋଭନୀୟତାର ଗହନ ଅନ୍ଧାରି ଗହ୍ୱରରେ ନିକ୍ଷେପିତ ହେବାକୁ ଗତିରେ ଖୁବ୍ ଦ୍ରୁତ। ଏବେ ଶୋଭନୀୟତା - ମାନବିକତାର ଏକାନ୍ତ ଜରୁରୀ - ଏହା ବୁଝି, ସେହି ଶୋଭନୀୟ ପ୍ରଭୁଙ୍କ ଆରାଧନା ପାଇଁ ଆମେ ନିଜକୁ କିଭଳି ପ୍ରସ୍ତୁତ କରିଛନ୍ତି ? ଆମେ ଏ ସନ୍ତ୍ରାସବାଦ, ଆତଙ୍କବାଦ, ସଂଘର୍ଷବାଦ, ଯୁଦ୍ଧ ହାହାକାର, ପାଶବିକତା, ନଗ୍ନତା, ଅଶ୍ଳୀଳତା, ବିଶ୍ୱାସଘାତକତା, ବିଦ୍ୱେଷ ଓ ବୀଭତ୍ସତାକୁ ଆଉ ପାରୁନୁ। ସେହି ପ୍ରଭୁ ଆମ ଭିତରକୁ ଅବତରି ଆସିଲେ, ସବୁ ଠିକ୍ ହୋଇଯିବ। ଧ୍ୱଂସ ପାଇଯିବା ନା ତାଙ୍କୁ ଆବାହନ କରି ସୁରକ୍ଷିତ ହୋଇଯିବା ? ଯଦି ସୁରକ୍ଷା ଚାହାନ୍ତି, ତାଙ୍କ ଆଗମନୀ ପାଇଁ, ତାଙ୍କର ତୁଷ୍ଟି, ସନ୍ତୋଷ ବିଧାନ ପାଇଁ କି ଯଜ୍ଞର ଆୟୋଜନ ଆମ୍ଭ ଭିତରେ ? ଶିଶୁଭଳି ବିକଳ ହୋଇ ହୃଦୟକୁ ଉନ୍ମୁକ୍ତ କରିଦେଇ ଆମେ ପାଦତଳେ ବିକଳ ହୋଇପାରୁଛନ୍ତି କି ? ଖେଳନା ଫିଙ୍ଗିଦେଇ, ସବୁ ତୁଚ୍ଛକରି ପିଲା ମା' ମା'ବୋଲି କାନ୍ଦିଉଠିଲା ପରି ଆମେ ତାଙ୍କୁ ଐକାନ୍ତିକ ଭାବେ ପୃଥିବୀବାସୀ ଖୋଜୁଛୁ କି ? ସେ ଆକାଶରେ ଭସା ଭସା ବାଦଲରେ ବିଚରଣ କରିପାରନ୍ତି, ଅସୀମ ଅନ୍ତରୀକ୍ଷରେ ପରିକ୍ରମା କରୁଥାନ୍ତି ପୁଣି ବିଶାଳ ସମୁଦ୍ରର ତରଙ୍ଗାୟିତ ଉର୍ମିମାଳାରେ ଭାସୁଥାନ୍ତି। ତେବେ ଭକ୍ତି ଜଳକଣାରେ ପୂର୍ଣ୍ଣ ଆମ ହୃଦୟସିନ୍ଧୁକୁ କାହିଁକି ସେ ନ ଆସିବେ ? ସେ ପରା ଭାବ ବିନୋଦିଆ। ଭକ୍ତି, ପ୍ରୀତିର ଅତିଥି - ଯାହାଙ୍କର ତିଥି ନାହିଁ, ସର୍ବବ୍ୟାପକ। ତାଙ୍କୁ କ'ଣ ଆମେ ବୁଝିଛନ୍ତି ? ବୁଝିଛନ୍ତି ସେ ଯେତିକି ଆମକୁ ଗଭୀର ଆତ୍ମୀୟତାରେ ଭଲ ପାଆନ୍ତି - ଝର ଝର ଲୁହ ଝରାଇ - 'ବିଶ୍ୱବାସୀ ହସ ମୋ ହସ, ତାଙ୍କ ଲୁହ ମୋ ଲୁହ' - ଗାଉଥାଆନ୍ତି। ଆମେ ସେତିକି ତାଙ୍କୁ ଭଲପାଉ କି ? ନିଜକୁ ତ୍ରୁଟିଶୂନ୍ୟ କରି ତାଙ୍କୁ ସ୍ୱାଗତିବାକୁ ସେପରି ଆକୁଳ ହେଉ କି ? ଆଖି ବୁଜି ସେହି ଦିବ୍ୟ ମୂର୍ତ୍ତିକୁ ଥରେ ମନଃ ଚକ୍ଷୁରେ ମୁଁ, ଆପଣ, ଆମେ ସମସ୍ତେ ଦେଖିବା ଯାହାଙ୍କ ଲେଖନୀରୁ ନୁହେଁ ହୃଦୟରୁ ଗଭୀର ଧ୍ୟାନସ୍ଥ ମୁଦ୍ରିତ ନୟନ, ସ୍ଫୁରିତ ଓଷ୍ଠଧାରରୁ ଝରୁଥିଲା - 'ଜଗତର ସବୁ ଲୁହ ଦେଇ ମୋତେ, ଜଗତକୁ ସୁଖୀ କରାଅ'ର କରୁଣାଭରା ଅମୃତ ବର୍ଷା।

ସେହି ଶୋଭନୀୟ ପ୍ରଭୁଙ୍କୁ ଯେ ଜାଣିଛି, ସେ ଅଜଣା ପାଖରେ ତାଙ୍କ କଥାକୁ ପହଞ୍ଚାଇ ଦେଉ। କାନରୁ କାନକୁ, ରାଜ୍ୟରୁ ରାଜ୍ୟକୁ, ଦେଶରୁ ଦେଶ୍କୁ, ମହାଦେଶରୁ ତାହା ସଞ୍ଚରିଯାଉ। ପ୍ରାର୍ଥନାର ଶକ୍ତି ଅମାପ। ଆମେ ସମସ୍ତେ ପୃଥିବୀବାସୀ, ବିକଳ ହୋଇ ତାଙ୍କୁ ଡାକିଲେ,ଳ ପ୍ରାର୍ଥନା କଲେ, ଝୁରି ହେଲେ, ସେ ଭକ୍ତ ବଲ୍ଲଭ ବୈକୁଣ୍ଠପୁରୀ ଛାଡ଼ି ନିଶ୍ଚେ ଓହ୍ଲାଇ ଆସିବେ ଧୂଳ ଧୂସରିତ ପୃଥିବୀକୁ - ଆମ ପାଖକୁ। ସେ ପରା ଗରିବ ସୁଦାମାର ସାଥୀ, ଶବରୀ ଅଇଁଠାଖିଆ, ପ୍ରତି ପ୍ରେମିକ ଆତ୍ମାର ପରମାତ୍ମୀୟ ! ଆମେ ତାଙ୍କୁ ଡାକୁନୁ। ଡାକିଲେ ସେ କ'ଣ ରହି ପାରିବେ ? ଆମେ ଭୌତିକ ସୁଖରେ, ନିଜ ଇଚ୍ଛାରେ ପୂର୍ତ୍ତିରେ ଭ୍ରମିତ। ତାଙ୍କୁ ଆମେ ଭୁଲିଯାଉଛୁ। ନିଜ ସ୍ରଷ୍ଟାଙ୍କ ନିୟମର ବିରୁଦ୍ଧାଚରଣ କରି ତାଙ୍କୁ ଅପମାନିତ କରୁଛୁ। ଶ୍ରେଷ୍ଠ ଜୀବ ମନୁଷ୍ୟରୂପେ ଆମକୁ ଗଢ଼ି କେତେ ସୁନ୍ଦର ଆଶା ଓ ସେ ଆମଠାରେ ନ ରଖିଥିଲେ ? କ'ଣ ବା ଆମ ପାଇଁ ସୁଖ, ସୁବିଧା, ସ୍ୱାଚ୍ଛନ୍ଦ୍ୟ ନ ଖଞ୍ଜିଛନ୍ତି ସେ ? ପୁଣି ଯେତେ ଭୁଲ କରିଥାଅ ପଛେ ଟିକିଏ ଅସୁବିଧା ପଡ଼ିଲେ ତାଙ୍କୁ ସ୍ମରଣ କଲାମାତ୍ରେ, ସେ ବିପତ୍ତିରୁ ଉଦ୍ଧାର କରିବାକୁ ତାଙ୍କ ଚକ୍ରରେ ଟିକେ ଉହାଡ଼ କରିଦିଅନ୍ତି। ଆଃ ! ତାଙ୍କପରି ପରମ ବନ୍ଧୁ, ପରମସଖା, ଜନ୍ମ ଜନ୍ମାନ୍ତରର ପିତାମାତା, ଆତ୍ମୀୟ, ହିତୈଷୀ, ଦ୍ୱିତୀୟ ବା କିଏ ଅଛି ? ତାଙ୍କରି ଚରଣ ତଳର ଆଶ୍ରୟ ଏକମାତ୍ର ଶ୍ରେୟ, ତାଙ୍କ ସମ୍ବିଧାନକୁ ମାନିବା ଏକମାତ୍ର ପଥ ତଥା ଶୋଭନୀୟ ପୃଥିବୀ ପାଇଁ ସେ କେବଳ ହିଁ ଗତି ଆଉ ମୁକ୍ତିର ମନ୍ତ୍ର। ହଁ, ଅସଲ କଥାଟି ରହିଯାଇଛି କହିବାକୁ ସେହି ପରମ ଆତ୍ମୀୟଙ୍କୁ। ଏଥର ଅପ୍ରେଲ ଆଠରେ କ'ଣ କରାଯିବ, କ'ଣ କୁହାଯିବ, ଶୋଭନୀୟ ଆନ୍ଦୋଳନ ପକ୍ଷରୁ ? ଆପଣ ବତାଇ ଦିଅନ୍ତୁ, ପାଖେ ପାଖେ ରହି କହିଦିଅନ୍ତୁ କ'ଣ କଲେ ଏ ବିଶ୍ୱ ଖୁବ୍ ଶୀଘ୍ର ଆପଣଙ୍କୁ ପାଇବ ତଥା ସ୍ନେହ, ଶାନ୍ତିଭରା ଶୋଭନୀୟ ସମାଜଟିର ସୁଖୀ ଅଧିବାସୀଟିଏ ହେବ। ତୁମେ କହିଦିଅ। ନିଶ୍ଚେ କହିଦେବ ! ଏହି ଅଳି ସହ ରହୁଛୁ - 'ତ୍ୱୟା ହୃଷିକେଶ ହୃଦି ସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି।' ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

# ଖୋର୍ଦ୍ଧା ଜିଲ୍ଲାକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନ ଉଦ୍‌ଘାଟିତ

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଜିଲ୍ଲାକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନକୁ ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ନାମରେ ଏକ ବୃକ୍ଷରୋପଣ କରିବା ସହିତ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଏହି ସମ୍ପର୍କିତ ଲୋଗୋକୁ ଉନ୍ମୋଚନ କରି ଉଦ୍‌ଘାଟନ କରିଛନ୍ତି। ସାମାଜିକ ଅନୁଷ୍ଠାନ ପ୍ରେରଣା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବିଧାୟକ ଶ୍ରୀ ଜ୍ୟୋତିନ୍ଦ୍ରନାଥ ମିତ୍ର ପାଇକ ବିଦ୍ରୋହର କର୍ଣ୍ଣଧାର ବକ୍ସି ଜଗବନ୍ଧୁଙ୍କ ନାମରେ, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ପରିବେଶବିତ୍ ଡଃ ଭଗବାନ ପ୍ରକାଶ ଜୟୀରାଜ ଗୁରୁଙ୍କ ନାମରେ, ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଶ୍ରୀ ଅଲେଖ ଚନ୍ଦ୍ର ପହି ଦଳବେହେରା ମାଧବ ଚନ୍ଦ୍ର ରାଉତରାୟଙ୍କ ନାମରେ, ବିଶିଷ୍ଟ ଶିକ୍ଷାବିତ୍ ତଥା ମହାବୀର ଗ୍ରୁପ୍ ଅଫ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡଃ ଗନ୍ଧର୍ବ ଚନ୍ଦ୍ର ନାୟକ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ନାମରେ, ପ୍ରେରଣାର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ କୃତିବାସ ପାଟଶାଣୀଙ୍କ ନାମରେ, ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ନରେନ୍ଦ୍ର ପୃଷ୍ଟି ଓ ସିଗ୍‌ମା ପବ୍ଲିକ ସ୍କୁଲ୍ ଗ୍ରୀନ୍ ଆର୍ମି ଶାଖାର ଛାତଛାତ୍ରୀମାନେ ମହାପୁରୁଷମାନଙ୍କ ନାମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବୃକ୍ଷରୋପଣ କରିଥିଲେ। ଏହା ପରେ ଏକ ଶୋଭାଯାତ୍ରା ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲାକୁ ସବୁଜ, ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ତଥା ବୃକ୍ଷରୋପଣ କରିବା ସମ୍ପର୍କରେ ନାରା ଦେଇ ପହଞ୍ଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାକୁ ସବୁଜ ସୁନ୍ଦର ଓ ପ୍ରଦୂଷଣମୁକ୍ତ କରିବା ଅଭିଯାନର ଲୋଗୋକୁ ଉନ୍ମୋଚନ କରି ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀ ସଂଗ୍ରାମ କେଶରୀ ମହାପାତ୍ର କହିଲେ, ଖୋର୍ଦ୍ଧା ଜିଲ୍ଲାରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମ୍ପୃକ୍ତ ଥିବାରୁ ଏହାର ଜନସଂଖ୍ୟା, କଳକାରଖାନା, ମଟରଗାଡ଼ି ଆଦି ଦିନକୁ ଦିନ ବଢିବାରେ ଲାଗିଛି। ତେଣୁ ସେହି ଅନୁପାତରେ ବ୍ୟାପକ ବୃକ୍ଷରୋପଣ କରାନଗଲେ ଜିଲ୍ଲାର ସବୁଜିମା ତଥା ପରିବେଶ ସୁରକ୍ଷା ହୋଇପାରିବ ନାହିଁ। ଏଥିପାଇଁ ସେ ନିଜ ଛାତ୍ର ଜୀବନରୁ ନିଜ ଗାଁରେ ସବୁଜ କ୍ଲବ ଗଠନ କରି କିପରି ବୃକ୍ଷରୋପଣ ମହାପୁରୁଷ ମାନଙ୍କ ନାମରେ କରୁଥିଲେ ତାହାର ଉଦାହରଣ ଦେବା ସହିତ ଜିଲ୍ଲାର ସମସ୍ତ ସ୍କୁଲ୍, କଲେଜ, ମହିଳା ସମିତି, କ୍ଲବ, ସାମାଜିକ ଅନୁଷ୍ଠାନ ତଥା ସାଧାରଣ ଜନତା ଏହି ମହାନ୍ ଅଭିଯାନରେ ସାମିଲ୍ ହେବାକୁ ସେ ଆହ୍ୱାନ ଦେଇଥିଲେ। ଏଥିରେ ପ୍ରେରଣାର ଅଧ୍ୟକ୍ଷ ଡଃ ଶ୍ରୀଚନ୍ଦନ ବକ୍ତବ୍ୟ ପ୍ରଦାନ କରି କହିଲେ, ଖୋର୍ଦ୍ଧା ଜିଲ୍ଲାର ସମସ୍ତବର୍ଗର ଜନସାଧାରଣ ତଥା ବିଭିନ୍ନ ସାମାଜିକ ତଥା ସାଂସ୍କୃତି ଅନୁଷ୍ଠାନର ଏହି ଅଭିଯାନକୁ ସଫଳ କରିବା ପାଇଁ ସହଯୋଗ କରିବା ନିମନ୍ତେ ସେ ଆହ୍ୱାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡଃ ଭଗବାନ ପ୍ରକାଶ, ଖୋର୍ଦ୍ଧା ଆରକ୍ଷୀ ଅଧୀକ୍ଷକ ଶ୍ରୀ ପାହି, ଖୋର୍ଦ୍ଧା ବିଧାୟକ ଶ୍ରୀ ମିତ୍ର, ଶିକ୍ଷାବିତ୍ ଡଃ ଗନ୍ଧର୍ବ ନାୟକ, ନିୟୁ ଥିଙ୍କିଙ୍ଗ ଫୋରମର ସଭାପତି ଶ୍ରୀ ନରେନ୍ଦ୍ର ପୃଷ୍ଟି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଏହାକୁ ଏକ ଗଣଆନ୍ଦୋଳନରେ ପରିଣତ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଡଃ ଗନ୍ଧର୍ବ ନାୟକଙ୍କୁ ସବୁଜ ସଂଗ୍ରାମୀ ସମ୍ମାନ, ଡଃ ଶ୍ରୀନିବାସ ଘଟୁଆରୀଙ୍କୁ ଗ୍ରୀନ୍ ଆର୍ମି କମାଣ୍ଡାଣ୍ଟ୍ , ସିଗ୍‌ମା ପବ୍ଲିକ ସ୍କୁଲ୍‌କୁ ଶ୍ରେଷ୍ଠ ଗ୍ରୀନ୍ ଆର୍ମି ସ୍କୁଲ, ଆସ୍‌ମା ସାମାଜିକ ଅନୁଷ୍ଠାନକୁ ସବୁଜ କ୍ଲବ ସମ୍ମାନ, ଇଦ୍‌ରିସ୍ ଖାନ ଓ ଦେବାଶିଷ ମହାନ୍ତିଙ୍କୁ ଗ୍ରୀନ ଆର୍ମି କମାଣ୍ଡାଣ୍ଟ ସମ୍ମାନ, ଖୋର୍ଦ୍ଧା ବିକାଶ ମଞ୍ଚର ନାରୀ ସମାଜସେବିକା ମାନଙ୍କୁ ଗ୍ରୀନ୍ କ୍ୟାପଟେନ ସମ୍ମାନ ତଥା ମହାବୀର ଗ୍ରୁପ୍ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ଅଜୟ ସ୍ୱାଇଁଙ୍କୁ ବୃକ୍ଷପ୍ରେମୀ ଭାବେ ସମ୍ମାନିତ କରାଯାଇଥିଲା।

# ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଅନୁଚିନ୍ତା



ଶରୀର ଓ ମନ-ଉଭୟର ସୁସ୍ଥତା ହିଁ ଉତ୍ତମ ସ୍ୱାସ୍ଥ୍ୟର ଚାବିକାଠି। ସେଥିପାଇଁ କୁହାଯାଏ ସ୍ୱାସ୍ଥ୍ୟବାନ ବ୍ୟକ୍ତି ପରିବାର, ସମାଜ, ରାଜ୍ୟ, ଦଶ ଓ ଦେଶର ମୁଖ ଉଜ୍ଜ୍ୱଳ କରିଥାନ୍ତି। ତେଣୁ କୁହାଯାଇଛି ସ୍ୱାସ୍ଥ୍ୟ ହିଁ ସମ୍ପଦ। ସ୍ୱାସ୍ଥ୍ୟ କିଣାବିକା ହୋଇପାରିବା ଜିନିଷ ନୁହେଁ। ପିତାମାତାଙ୍କ ଜୀବନର ସଂଯମତା ଓ ନିଷ୍ଠାପରତା ଉପରେ ଭବିଷ୍ୟତ ବଂଶଧରମାନଙ୍କ ଶାରୀରିକ, ମାନସିକ ତଥା ଗୁଣାତ୍ମକ ସ୍ୱାସ୍ଥ୍ୟ ନିର୍ଭର କରିଥାଏ। ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଆମେ ହାଲୁକା ଭାବେ ଗ୍ରହଣ କରିବା ଉଚିତ ନୁହେଁ। ଏକ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ପରିଷ୍କାର ପାନୀୟ, ଶୁଦ୍ଧ ପରିବେଶ, ଗୃହ ତଥା ଶଯ୍ୟା ଓ ବସ୍ତ୍ର ପ୍ରଭୃତିର ପରିଚ୍ଛନ୍ନତା ନିତାନ୍ତ ପ୍ରୟୋଜନ। ନିୟମିତ ଜୀବନଚର୍ଯ୍ୟା ଆଉ ଏକ ବଡ଼ କଥା। ଖାଦ୍ୟ ଓ ପାନୀୟ ଦୃଷ୍ଟିରୁ ତିନୋଟି ଶୁଦ୍ଧତା ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ଖାଦ୍ୟର ପ୍ରକାର ଓ ପରିମାଣ ଆଉ ଏକ ବିଚାର୍ଯ୍ୟ ବିଷୟ। ଖାଦ୍ୟ ସାତ୍ତ୍ୱିକ ହେବା ବିଧେୟ। ମାଛ, ମାଂସ, ପିଆଜ, ରସୁଣ ଓ ମାଦକ ଦ୍ରବ୍ୟ ସର୍ବଦା ବର୍ଜନୀୟ। ରାଜସିକ ଓ ତାମସିକ ଖାଦ୍ୟ ଦେହ ତଥା ମନ ପ୍ରତି ଭଲ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିରାମିଷ ଭୋଜନ କରୁଥିବା ଲୋକମାନେ ନିରୋଗୀ ଓ ଦୀର୍ଘାୟୁ ବୋଲି ମତବ୍ୟକ୍ତ କରିଛନ୍ତି। ଏଠାରେ ପରିମାଣ କଥା ଭୁଲିଗଲେ ହେବ ନାହିଁ। ସାତ୍ତ୍ୱିକ ଖାଦ୍ୟ ହେଲେ ବି ଯଦି ଅଧିକ ପରିମାଣରେ ଗ୍ରହଣ କରାଯାଏ, ତେବେ ତାହା ତାମସିକତା ବା ଆଳସ୍ୟ ଭାବ ସୃଷ୍ଟି କରିଥାଏ। ତେଣୁ ମିତାହାର ଭୋଜନ କରିବା ସବୁବେଳେ ଭଲ। ମିତାହାରକୁ ଭଲ ଭାବେ ବୁଝାଇ କୁହାଯାଇଛି ଯେ, ପାକସ୍ଥଳୀର ଶତକଡ଼ା ପଚାଶ ଭାଗ ଖାଦ୍ୟରେ ପୂରଣ କରିବା ଉଚିତ୍, ଶତକଡ଼ା ପଚିଶ ଭାଗ ଜଳ ପାଇଁ ଓ ଶତକଡ଼ା ପଚିଶ ଭାଗ ପବନ ପାଇଁ ରଖାଯିବା ଉଚିତ। ଯେତେବେଳେ ଖାଇବ ଅଧାପେଟ ତାହା ମଣିଷକୁ କାର୍ଯ୍ୟକ୍ଷମ ରଖେ। ପ୍ରତ୍ୟେକ ଦିନ ନିର୍ଦ୍ଦିଷ୍ଟ ସମୟରେ, ନିର୍ଦ୍ଦିଷ୍ଟ ସମୟ ଅନ୍ତରରେ ଖାଦ୍ୟ ଗ୍ରହଣ କରାଗଲେ ସର୍ବୋତ୍ତମ ଫଳ ମିଳିଥାଏ।

ଯୁଗାବତାର ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଦୃଢ଼ କଣ୍ଠରେ ଘୋଷଣା କଲେ- ମାନସିକ ସ୍ୱାସ୍ଥ୍ୟ ହିଁ ଶାରୀରିକ ସ୍ୱାସ୍ଥ୍ୟର ପ୍ରଥମ ପାହାଚ। ଦୟାଲ ଦେଶରୁ ନିର୍ଗତ ଭାଷାରେ ପ୍ରକାଶ କଲେ-ମନଟା ଦୁଷ୍ଟ ହେଲେ ହିଁ ଜାଣିବ ରୋଗର ଆସ୍ଥାନ ହୁଏ, ଏଇଟାକୁ ତୁମେ ଏଡ଼ାଇ ଚାଲିବ କରିବ ବ୍ୟାଧିର ଜୟ। ପୁଣି ସେହି କମ୍ବୁକଣ୍ଠରୁ ଉଦ୍‌ଘୋଷିତ ହେଲା - ସ୍ୱାସ୍ଥ୍ୟଟିକୁ ନିୟନ୍ତ୍ରଣ କରି ଦୃଢ଼ତର, ରୁହ ତୁମେ ସୁଜାଗ୍ରତ ଓହେ ଅନୁକ୍ଷଣ, ପୂଜିବାରେ ଇଷ୍ଟଦେବେ ସାର୍ଥକ ଆଚାରେ, ନୀଚ ବୁଦ୍ଧି ଅହମିକା କରିବା ବର୍ଜନ। ସର୍ବ କାରଣ କାରଣ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଆଲୋଚନା ଛଳରେ ପ୍ରକାଶ କଲେ - ମନୁଷ୍ୟର ସ୍ୱାସ୍ଥ୍ୟର କଥା ଭାବିବାକୁ ଗଲେ ଜନ୍ମଦାତ୍ରୀ ମାତୃଗର୍ଭକୁ ଆସିବାର ପୂର୍ବ ଠାରୁ ଭାବିବାକୁ ହୁଏ। ପ୍ରଥମେ ଆବଶ୍ୟକ ଉପଯୁକ୍ତ ବିବାହ ଓ ଉପଯୁକ୍ତ ଦାମ୍ପତ୍ୟ ଜୀବନ। ପିତାମାତାଙ୍କର ବିବାହ ଓ ଦାମ୍ପତ୍ୟ ଜୀବନରେ ଯଦି ଅସଙ୍ଗତି ରହେ ତାହାହେଲେ ପିଲାପିଲିଙ୍କର ଶରୀର ଓ ମନ ସୁସ୍ଥ ହୋଇପାରେନାହିଁ। ମା'ମାନଙ୍କୁ ଜାଣିବା ଆବଶ୍ୟକ - ଗର୍ଭାବସ୍ଥାରେ କିଭଳି ଚାଲିବାକୁ ବା ରହିବାକୁ ହୁଏ। ସ୍ୱାମୀ-ସ୍ତ୍ରୀ ଉଭୟଙ୍କ ମଧ୍ୟରେ ଆଦର୍ଶପ୍ରାଣତା, ଇଷ୍ଟାନୁରାଗ, ପ୍ରୀତିପରାୟଣତା, ସଂଯମ, ସାଧନା, ଇଷ୍ଟ-କୃଷ୍ଟି-ଧର୍ମ ଓ ପୂର୍ବ ପୁରୁଷଙ୍କ ସ୍ମୃତି ମାଧ୍ୟମରେ ଯେଉଁ ସନ୍ତାନ ଜନ୍ମଲାଭ କରେ ସେମାନେ ସାଧାରଣତଃ ଶାରୀରିକ ଓ ମାନସିକ ଦିଗରେ ସ୍ୱାସ୍ଥ୍ୟବାନ ହୁଅନ୍ତି। ଏହିପରି ପିତାମାତାଙ୍କ ଠାରୁ ସନ୍ତାନ ସୁଷ୍ଠ ଜୈବୀ ସଂସ୍ଥିତିର ଅଧିକାରୀ ହୋଇଉଠେ ଓ ଜୈବୀ ସଂସ୍ଥିତି ହେଉଛି ଜୀବନର ଆକର। ଜାତକର ରୋଗ-ନିରୋଧ କ୍ଷମତା, ଆୟୁ ଓ ବର୍ଦ୍ଧନ ତତ୍ପରତା ଏହି ଜୈବୀ ସଂସ୍ଥିତି ଉପରେ ହିଁ ନିର୍ଭର କରେ। ଉତ୍ସ ବିମୁଖ ହେଲେ ମନୁଷ୍ୟର ଜୈବୀ ସଂସ୍ଥିତି ଧିରେ ଧିରେ ହ୍ରାସ ହୋଇଆସେ। ଆଜି ଲୋକମାନଙ୍କ ଶାରୀରିକ ସୁସ୍ଥତା ପାଇଁ ସରକାରୀ ଚିକିତ୍ସାଳୟରେ ଆବଶ୍ୟକୀୟ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି। ମାନସିକ ସ୍ୱାସ୍ଥ୍ୟ ନିମିତ୍ତ ଆବଶ୍ୟକୀୟ ମନ୍ଦିର, ମଠ, ମସଜିଦ୍ ଓ ଗୀର୍ଜା ମାନଙ୍କରେ ସଦ୍‌ଗୁରୁ, ସତ୍‌ଦୀକ୍ଷା ଓ ସତ୍‌ସଙ୍ଗର ପ୍ରଭୂତ ଆବଶ୍ୟକତା ରହିଛି। ତେବେ ଅନେକକ୍ଷେତ୍ରରେ ଦେଖାଯାଏ ଲୋକମାନଙ୍କ ଅସଚେତନତାରୁ ନିଜେ ନିଜର ସ୍ୱାସ୍ଥ୍ୟହାନିର କାରଣ ହୋଇଥାନ୍ତି। ଆଜି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା କ୍ଷେତ୍ର ଠାରୁ ଆଧ୍ୟାତ୍ମିକ ନିରାମୟ ଜୀବନ ଗଠନ ପାଇଁ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବାର ଉପଯୁକ୍ତ ଦିବସ। ସ୍ୱାସ୍ଥ୍ୟ ହିଁ ସମ୍ପଦ ଏବଂ ଏକ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ସମସ୍ତଙ୍କ ଐକାନ୍ତିକ ନିଃସ୍ୱାର୍ଥପର ଦାୟିତ୍ୱ ସମ୍ପନ୍ନ ଦ୍ୱାରା ସମାଜ ଓ ରାଷ୍ଟ୍ରର ବିକାଶ ସମ୍ଭବ।

# ରାଜଧାନୀରେ ଉତ୍କଳ ଦିବସ ପାଳିତ

ଭୁବନେଶ୍ୱର (ପିଏନ୍): ଓଡିଶା ପ୍ରଦେଶ ଗଠନର କର୍ଣ୍ଣଧାର ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେବ ଓ ପାରଳା ମହାରାଜା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ପକ୍ଷରୁ ରାଜଧାନୀରେ ପବିତ୍ର ଉତ୍କଳ ଦିବସ ପାଳିତ ହୋଇଯାଇଛି। ମାଲ୍ୟାର୍ପଣ ସଭାରେ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାରେ ସଭାପତିତ୍ୱ କରି ରାଜ୍ୟ ଗଠନରେ ସହାୟତା କରିଥିବା ବରପୁତ୍ରମାନଙ୍କୁ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଦେଷ୍ଟା ନିମାଇଁ ଚରଣ ଦାସ ଓ ନିରଂଜନ ଦାଶ, ଉପ-ସଭାପତି ଶିତଳ ଚନ୍ଦ୍ର ମହାନ୍ତି ଓ ସୁବ୍ରତ ମହାପାତ୍ର, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧୀ, ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡନାୟକ, ମହେଶ୍ୱର ବିଶ୍ୱାଳ, ପ୍ରତାପ ନନ୍ଦ, ପ୍ରସନ୍ନ ରଥ, କ୍ଷେତ୍ରମୋହନ ନାୟକ, ସମରଂଜନ ମହାନ୍ତି, ଅକ୍ଷୟ ଜେଠୀ, ଦିପ୍ତିମୟୀ ନାୟକ, ପ୍ରକାଶ ସାମଲ, ଶରତ ଚନ୍ଦ୍ର ସାହୁ ଓ ରାମଚନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇ ବରପୁତ୍ରଙ୍କୁ ଶ୍ରଦ୍ଧାଂଜଳି ଜଣାଇଥିଲେ। ଶେଷରେ ସ୍ଲୋଗାନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

# ରାହସ ଉତ୍ସବରେ ସଂକୀର୍ତ୍ତନ ସଂଘ ସମ୍ବର୍ଦ୍ଧିତ



ଯୋଡା (ପିଏନ୍): ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଯୋଡା ବ୍ଲକ ରାମଚନ୍ଦ୍ରପୁର ଗ୍ରାମରେ ମହାଆଡମ୍ବର ସହକାରେ ରାହସ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ୭ଦିନ ଧରି ହରିବଂଶ ପୋଥି ପାରାୟଣ ହୋଇଥିବା ବେଳେ ଠାକୁର ମଣ୍ଡଳୀକୁ ଯାତ୍ରା କରିଥିଲେ । ୨ଦିନ ଧରି ରାହସ ସଂକୀର୍ତ୍ତନ ମାଧ୍ୟମରେ ଶ୍ରୀକୃଷ୍ଣଙ୍କ ଲିଳାମୃତ ପରିବେଷଣ ପରେ ଉଦ୍‌ଯାପନୀ ସନ୍ଧ୍ୟାରେ ପୁନର୍ବାର ମନ୍ଦିରକୁ ବାହୁଡିଥିଲେ । ଏହି ରାହସ ସଂକୀର୍ତ୍ତନ ଉତ୍ସବରେ ଝୁମ୍ପୁରା ବ୍ଲକ ବସନ୍ତପୁର ସଂକୀର୍ତ୍ତନ ସମାଜ ଏବଂ ସ୍ଥାନୀୟ ରାମଚନ୍ଦ୍ରପୁର ସଂକୀର୍ତ୍ତନ ସମାଜର କଳାକାରମାନେ ଚିତାକର୍ଷକ ସଂକୀର୍ତ୍ତନ ପରିବେଷଣ କରିଥିଲେ । ବସନ୍ତପୁର ସଂକୀର୍ତ୍ତନର ସମାଜର କଳାକାରଙ୍କ ଦ୍ୱାରା ପରିବେଷିତ କାଳୀୟଦଳନ ନୃତ୍ୟ ନାଟିକା ଦେଖିବାକୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ସଂକୀର୍ତ୍ତନପ୍ରେମୀ ଓ ଦର୍ଶନ ରୁଣ୍ଡ ହୋଇଥିଲେ । ଉପସ୍ଥିତ ଜନତାଙ୍କୁ ଗ୍ରାମବାସୀଙ୍କ ତରଫରୁ ଅନ୍ନପ୍ରସାଦ ଏବଂ ପଞ୍ଚାମୃତ ବଣ୍ଟନ କରାଯାଇଥିଲା । ଏହି ଅବସରରେ ସଂକୀର୍ତ୍ତନକୁ ଲୋକାଭିମୁଖୀ କରିବା ସହିତ କଳାକାରମାନଙ୍କ ଉନ୍ନତି ସାଧନ ଉଦ୍ଦେଶ୍ୟରେ ଗଠିତ ହୋଇଥିବା କେନ୍ଦୁଝର ଜିଲା ରାହସ ସଂକୀର୍ତ୍ତନ ସଂଘକୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଜରିଆରେ ଗ୍ରାମବାସୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ଯୁଗ୍ମ ସମ୍ପାଦକ ଧବଳେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ୍, ଉପସଭାପତି ସୁରେଶ ମହାକୁଡ ଏବଂ ରଶାନନ୍ଦ ବେହେରା, କୋଷାଧ୍ୟକ୍ଷ ଭଜମନ ବାରିକ୍, ଉପଦେଷ୍ଟା ବ୍ରହ୍ମେଶ୍ୱର ମହାକୁଡ, କାର୍ଯ୍ୟକାରିଣୀ ସଦସ୍ୟ ସଂକର୍ଷଣ ବେହେରା, ଘସରନାଥ ବେହେରା, ବିଶ୍ୱମ୍ଭର ବେହେରା, ସନ୍ତୋଷ ବାରିକ୍, ସୁଶାନ୍ତ ବାରିକ୍, କବିରାଜ ଗିରି, ବିରଞ୍ଚି ବାରିକ୍, ଆଇନ ପରାମର୍ଶନଦାତା ଅଜିତ୍ କୁମାର ବାରିକ୍ ପ୍ରମୁଖ ଯୋଗଦେଇଥିଲେ । ଏହି ସଂକୀର୍ତ୍ତନ କଳା କିଭଳି ଜିଲା, ରାଜ୍ୟ ତଥା ଜାତୀୟ ସ୍ତରରେ ସ୍ୱୀକୃତିଲାଭ କରିବ ସେ ସମ୍ବନ୍ଧରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା କରାଯାଇଥିଲା । ସଂକୀର୍ତ୍ତନ କାଳାକାରମାନଙ୍କ ବିକାଶ ଏବଂ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରିବା ଦିଗରେ ସଂଘର ଆଭିମୁଖ୍ୟ ନେଇ ସମ୍ପାଦକ ନିର୍ମଳ ଚନ୍ଦ୍ର ବାରିକ୍ ନିଜ ବକ୍ତବ୍ୟ ରଖିଥିଲେ । ରାହସ ସଂକୀର୍ତ୍ତନ ମାଧ୍ୟମରେ ଭଗବତ ଚେତନା ଜାଗ୍ରତ କରାଇ ସମାଜରୁ କୁସଂସ୍କାର ଦୂର କରିବା ଦିଗରେ ରାହସ ସଂକୀର୍ତ୍ତନ ସଂଘ ଜାଗ୍ରତ ପ୍ରହରି ଭାବେ କାର୍ଯ୍ୟ କରିବା ବୋଲି ଉପସଭାପତି ରଶାନନ୍ଦ ବେହେରା କହିଥିଲେ । ବରିଷ୍ଠ କଳାକାର କଳାକାନ୍ତ ବାରିକ୍, ଶ୍ରୀକାନ୍ତ ଆପଟ, ତ୍ରୀଲୋଚନ ବେହେରା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଗ୍ରାମବାସୀମାନଙ୍କ ପକ୍ଷରୁ ଏହି ଅବସରରେ ସଂଘର କର୍ମକର୍ତ୍ତାଙ୍କୁ ଉପରି ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶତାୟୁ ସଂକୀର୍ତ୍ତନ କଳାକାର ମିତ୍ରଭାନୁ ବାରିକ୍‌ଙ୍କ ସହ ବରିଷ୍ଠ ସଂକୀର୍ତ୍ତନ କଳାକାର ଏବଂ ବହୁ ସଂକୀର୍ତ୍ତନ ପ୍ରେମୀ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିଲେ । ରାମଚନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ବାରିକ୍, ପୂର୍ଣ୍ଣଚନ୍ଦ୍ର ଖିଲାର, ଉଗ୍ରେସନ ଆପଟ, ଛତିଶ ଆପଟ, ରଂଜନ ବାରିକ୍, ସୁମନ୍ତ ବାରିକ୍, ତ୍ରୀନାଥ ଆପଟ, ରାଜୁ ଆପଟ ତଥା ସଂକୀର୍ତ୍ତନ ସମାଜ କଳାକାର ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସାହାଯ୍ୟ କରିଥିଲେ ।

# ସଂଗଠକ ଓ ଦରଦୀ ନେତା ମୋହନବାବୁଙ୍କ ସ୍ମରଣେ...

ପୂର୍ବତନ ସାଂସଦ, ସଂଗଠକ, ପରୋପକାରୀ ଓ ଦରଦୀ ନେତା ମୋହନବାବୁ ଆଉ ନାହାନ୍ତି। ଏହାକୁ ଶୁଣିଲେ ବିଶ୍ୱାସ ବି ହେଉନାହିଁ। ଜନ୍ମରୁ ଅଭାବକୁ ଦେଖିଥିଲେ। ପ୍ରଥମରୁ ସଂଗ୍ରାମକୁ ଆପଣେଇଥିଲେ। ଛାତ୍ର ଜୀବନରୁ ଲଢ଼େଇର ମଙ୍ଗ ଧରିଥିଲେ। ସକାରାତ୍ମକ ଚିନ୍ତନର ମଣିଷ ସାଜି ଯୁବଗୋଷ୍ଠୀକୁ ଦିଗଦର୍ଶନ ଦେଉଥିଲେ। ପଛୁଆ ଶ୍ରେଣୀକୁ ଆଗକୁ ବଢ଼ିବାର ପ୍ରେରଣା ଯୋଗାଉଥିଲେ। ଜଣେ ସୁବକ୍ତା ଭାବେ ସମାଜରେ ପରିଚିତ ଥିଲେ। ଦଳିତ, ନିଷ୍ପେସିତ, ଅବହେଳିତ ମଣିଷର ସ୍ୱର ସାଜିଥିଲେ। ଦୃଢ଼ମନା ମୋହନ କିନ୍ତୁ ଜୀବନ ଯୁଦ୍ଧରେ ହାରିଗଲେ। ସଂଗ୍ରାମୀର ସଂଗ୍ରାମରେ ପୂର୍ଣ୍ଣଚ୍ଛେଦ ପଡ଼ିଗଲା। ଲଢ଼େଇର ମଙ୍ଗୁଆଳ ନିରବିଗଲେ। ଅଧିକାରର ସ୍ୱର ସାଜିଥିବା ପୂର୍ବତନ ସାଂସଦ ମୋହନ ଜେନାଙ୍କୁ ହରାଇ ସ୍ତବ୍ଧ ପାଲଟି ଯାଇଛି ଯାଜପୁର ଜିଲ୍ଲା। ଶୋକରେ ଭାଙ୍ଗି ପଡ଼ିଛି ବଡ଼ଚଣା ମାଟି। ଯାଜପୁର ଜିଲ୍ଲା ଧାନମଣ୍ଡଳ ପଞ୍ଚାୟତ ଶାସନସୀମା ଗ୍ରାମରେ ୧୯୫୯ ନଭେମ୍ବର ୫ରେ ଜନ୍ମ ନେଇଥିଲେ ମୋହନ ଜେନା। ଧାନମଣ୍ଡଳ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ପରେ କେନ୍ଦ୍ରାପଡ଼ାରୁ ଉଚ୍ଚଶିକ୍ଷା ଶେଷ କରିଥିଲେ। ପରେ ଉଚ୍ଚତର ଶିକ୍ଷା ପାଇଁ ଭୁବନେଶ୍ୱରରେ ପାଦ ଥାପିଥିଲେ ମୋହନ। ଶିକ୍ଷା ସହ ସଂସ୍କାରକୁ ଆଦରିଥିବା ମୋହନ ଛାତ୍ରଜୀବନରୁ ମାଟି ପାଇଁ ପାଟି ଖୋଲିଥିଲେ। ବଡ଼ଚଣାରେ ଜନ୍ମିତ ଦଳିତ ପରିବାରର ଏହି ଶିଶୁ ସମଗ୍ର ଅଞ୍ଚଳକୁ ବିକଶିତ କଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ପିଜି କରିବା ବେଳେ ଛାତ୍ର ରାଜନୀତିକୁ ଓହ୍ଲାଇଥିଲେ। ଏସୟୁସିଆଇର ଛାତ୍ର ସଂଗଠନ ଡିଏସଓ ସହିତ ଜଡ଼ିତ ହୋଇଥିଲେ। ୧୯୮୩ରେ ବିଶ୍ୱବିଦ୍ୟାଳୟ ଛାତ୍ର ସଂଗଠନର ସଭାପତି ଆସନ ଅଳଙ୍କୃତ କରିଥିବା ମୋହନ ଯାଜପୁର ପାଇଁ ଗୌରବ ଆଣି ଦେଇଥିଲେ। ଜ୍ଞାନର ଭଣ୍ଡାର ମୋହନ ତୀକ୍ଷ୍ଣ ଭାଷଣରେ ସମସ୍ତଙ୍କୁ ଚକିତ କରି ଦେଉଥିଲେ। ମୋହନଙ୍କ ଏହି କୃତିତ୍ୱ ରାଜ୍ୟ ରାଜନୀତିରେ ପରିଚୟ ସୃଷ୍ଟି କଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

୨୬ ବର୍ଷରେ

Bhubaneswar Thursday April 25, 2024 ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୨୫,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ସିଙ୍ଗାପୁର ଓଡ଼ିଆ ସମାଜ ଦ୍ୱାରା ଉତ୍କଳ ଦିବସ ପାଳନ

ସିଙ୍ଗାପୁର, (ପି.ଏନ) ; ସିଙ୍ଗାପୁରରେ ବସବାସ କରୁଥିବା ପ୍ରବାସୀ ଓଡ଼ିଆ ମାନଙ୍କ ଦ୍ୱାରା ୮୯ତମ ଉତ୍କଳ ଦିବସ ମହାସମାରୋହରେ ପାଳନ କରାଯାଇଥିବା ଜଣାଯାଇଛି। ସିଙ୍ଗାପୁର ଓଡ଼ିଆ ସମାଜ ଏବଂ ସିଙ୍ଗାପୁର ସ୍ଥିତ ଭାରତୀୟ ଦୂତାବାସର ମିଳିତ ସହଯୋଗରେ ଆୟୋଜିତ ଏହି ଭବ୍ୟ ମହୋତ୍ସବ ବିଦେଶ ଭୂମିରେ ଓଡ଼ିଶାର ସୌର୍ଯ୍ୟ , ସୌନ୍ଦର୍ଯ୍ୟ ଏବଂ ମାଧୂର୍ଯ୍ୟ କୁ ପ୍ରଦର୍ଶନ କରାଯିବା ପାଇଁ ଉଦ୍ଦିଷ୍ଟ ଥିଲା। ଏହି ଉପଲକ୍ଷେ ଉତ୍ସବ ସ୍ଥଳ ଗ୍ରାସରୁଟସ କ୍ଲବ ପ୍ରେକ୍ଷାଳୟକୁ ଖୁବ ସୁନ୍ଦର ଭାବରେ ସଜାଯାଇ ଏହାକୁ ଏକ କ୍ଷୁଦ୍ର ଓଡ଼ିଶାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସମାରୋହରେ ୩୦୦ ରୁ ଉର୍ଦ୍ଧ୍ୱ ଓଡ଼ିଆ ଓ ଓଡ଼ିଶା ପ୍ରେମୀ ଜନସାଧାରଣ, ସେମାନଙ୍କର ପରିବାରବର୍ଗଙ୍କ ସହିତ ଯୋଗ ଦେଇଥିବା ଦେଖାଦେଇଥିଲା। ଓଡ଼ିଶା ଦିବସ ପାଳନକୁ କେନ୍ଦ୍ର କରି ଉପସ୍ଥିତ ଆଗନ୍ତୁକ ମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉଲ୍ଲାସ, ଅଜସ୍ର ଉତ୍ସାହ ଏବଂ ଅଫୁରନ୍ତ ଉଦ୍ଦୀପନା ପରିଲକ୍ଷିତ କରାଯାଇଥିଲା।କାର୍ଯ୍ୟକ୍ରମର ପ୍ରାରମ୍ଭରେ ଓଡ଼ିଶାର ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା। ଏହାପରେ ସମ୍ମାନିତ ଅତିଥି ସିଙ୍ଗାପୁର ଠାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଡଃ ଶିଳ୍ପକ ଅମ୍ବୁଲେ ମଞ୍ଚ ଉପରେ ଶୋଭା ପାଉଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ପ୍ରତିମୂର୍ତ୍ତି ସାମ୍ନାରେ ପାରମ୍ପରିକ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ। ସିଙ୍ଗାପୁର ଓଡ଼ିଆ ସମାଜର ସଭାପତି ସୁବ୍ରତ ନାୟକ ଏବଂ ସମ୍ପାଦକ ହେମନ୍ତ ରାଉତ, ଡଃ ଅମ୍ବୁଲେଙ୍କୁ ଓଡ଼ିଶାର ଅଙ୍ଗବସ୍ତ୍ର ଏବଂ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ। ସମାବେଶକୁ ସମ୍ବୋଧନ କରି ଡଃ ଅମ୍ବୁଲେ, ଓଡ଼ିଶାର ମହାନ ସାଂସ୍କୃତିକ ଐତିହ୍ୟକୁ ଭୁରୀଭୁରୀ ପ୍ରଶଂସା କରିଥିଲେ। ସିଙ୍ଗାପୁର ଓଡ଼ିଆ ସମାଜ, ଓଡ଼ିଶାର ଉତ୍କୃଷ୍ଟ କଳା, ଉନ୍ନତ ସଂସ୍କୃତି ଏବଂ ଉତ୍ତୁଙ୍ଗ ବୈଭବକୁ ଆନ୍ତର୍ଜାତିକ ଦରବାରରେ ପ୍ରଚାର, ପ୍ରସାର ଏବଂ ଲୋକପ୍ରିୟ କରିବାରେ ଉଲ୍ଲେଖନୀୟ ଯୋଗଦାନ ପ୍ରଦାନ କରୁଥିବା ଦର୍ଶାଇ ଡଃ ଅମ୍ବୁଲେ ସଂଗଠନର କର୍ମକର୍ତ୍ତା ମାନଙ୍କୁ ସାଧୁବାଦ ଜଣାଇଥିଲେ। ଉତ୍ସବର ବିଶେଷ ଆକର୍ଷଣ ଉଦୀୟମାନ ଓ ପ୍ରତିଷ୍ଠିତ କଳାକାର ମାନଙ୍କ ଦ୍ୱାରା ପରିବେଷିତ ଏକ ରଙ୍ଗାରଙ୍ଗ ସାଂସ୍କୃତିକ ଅଧିବେଶନ ଥିଲା। ଏଥିମଧ୍ୟରେ ଅନ୍ତର୍ଭୁକ୍ତ ଓଡ଼ିଶୀ ନୃତ୍ୟ ପରିବେଷଣ, କୁନି ପିଲାମାନଙ୍କ ଦ୍ୱାରା ମଞ୍ଚସ୍ଥ ରାମାୟଣ ନାଟକ ଏବଂ ସମ୍ବଲପୁରୀ ଓ ଓଲିଉଡ ସଙ୍ଗୀତ ଆଧାରିତ ନୃତ୍ୟ ପ୍ରଦର୍ଶନ ଖୁବ ମନୋରଞ୍ଜକ ଥିଲା ଏବଂ ଦର୍ଶକ ମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା। ଓଡିଶାରୁ ଆସିଥିବା ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ପ୍ରଦୀପ ପଲାଇ ଓ ପ୍ରଜ୍ଞା ହୋତା ସେମାନଙ୍କର ଗୋଟିଏ ପରେ ଗୋଟିଏ ମନଲୋଭା ସଙ୍ଗୀତ ପ୍ରସ୍ତୁତ କରି ଉପସ୍ଥିତ ଶ୍ରୋତା ମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିବା ଲକ୍ଷ୍ୟ କରାଯାଇଥିଲା। ଏହି ଅବସରରେ ପ୍ରେକ୍ଷାଳୟ ପରିସରରେ ଓଡ଼ିଶାର ହସ୍ତତନ୍ତ ଏବଂ ହସ୍ତକଳା ସାମଗ୍ରୀ ମାନଙ୍କୁ ନେଇ ଆୟୋଜିତ ଏକ ପ୍ରଦର୍ଶନୀ, ଆଗନ୍ତୁକ ମାନଙ୍କର ଆକର୍ଷଣର କେନ୍ଦ୍ର ବିନ୍ଦୁ ବନିଥିଲା।ଭାରେ ବ୍ୟାଡମିଣ୍ଟନ, ଚେସ, କୁଇଜ୍, ଯୁବ ପ୍ରତିଭା ଆଦି ପ୍ରତିଯୋଗିତାରେ ବିଜୟୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅନନ୍ୟ ଓ ଅବିସ୍ମରଣୀୟ ମହୋତ୍ସବର ସମାପନରେ ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ଓଡ଼ିଶାର ପଟ୍ଟଚିତ୍ର ଏବଂ ପିପିଲି ଚାନ୍ଦୁଆ ଖଚିତ ଝୋଟ ବ୍ୟାଗ ଉପହାର ସ୍ୱରୂପ ଦିଆଯାଇଥିଲା। ସମଗ୍ର କାର୍ଯ୍ୟକ୍ରମ କୁ ଆଦିତି ମିଶ୍ର ଓ ଅଭିଶେକ ରାଉତରାୟ ସୂତ୍ରଧାରୁ ରୂପେ ସଂଯୋଜନା ଓ ଉପସ୍ଥାପନା କରିଥିଲେ ଓ ଉତ୍କଳ ଦିବସକୁ ସଫଳତାର ସହିତ ଆୟୋଜନ କରିବାରେ ସିଙ୍ଗାପୁର ଓଡ଼ିଆ ସମାଜର ସଭାପତି ସୁବ୍ରତ ନାୟକ, ସମ୍ପାଦକ ହେମନ୍ତ ରାଉତ, ଉପ - ସଭାପତି ରୂପକ ସାହୁ,ସହ - ସମ୍ପାଦକ ଲୋପାମୁଦ୍ରା ବେହେରା, କୋଷାଧ୍ୟକ୍ଷ ସଞ୍ଜୀବ ସାହୁ, ସହ କୋଷାଧ୍ୟକ୍ଷ ସୌମ୍ୟ ପାଲ , କାର୍ଯ୍ୟକାରୀ କମିଟି ସଦସ୍ୟ ସ୍ୱାଗତିକା ବିଶ୍ୱାଳ, ଧର୍ମ ନିରଞ୍ଜନ ଆଚାର୍ଯ୍ୟ, ଦୀନେଶ ମହାପାତ୍ର, ଲଗ୍ନଜୀତ ପଟ୍ଟନାୟକ, ନିରଞ୍ଜନ ବିଶ୍ୱାଳ, ପ୍ରସନ୍ନ କୁମାର ଜେନା, ପ୍ରମୋଦ ସାହୁ, ରଞ୍ଜିତ ସାହୁ, ସିତାଂଶୁ ଗଡ଼ନାୟକ, ସୋମେଶ୍ୱର ଶର୍ମା, ଅଡିଟର ରଞ୍ଜନ ସାହୁ ଓ ତିରୁମୂଳା ପାତ୍ର, ଉପଦେଷ୍ଟା ବୃନ୍ଦ ଯଥା ଆଲୋକ ପଣ୍ଡା, ଶରତ ମହାନ୍ତି, ଶୁଭଦିପ୍ତ ତ୍ରିପାଠୀ, ବସନ୍ତ ଦାଶ ଏବଂ ସବ୍ୟସାଚୀ ମିଶ୍ର ପ୍ରମୁଖଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା।

## ଅଚ୍ୟୁତ ସାମନ୍ତଙ୍କୁ ୫୭ତମ ସମ୍ମାନସୂଚକ ଡକ୍ଟୋରେଟ୍



ଭୁବନେଶ୍ୱର,(ପି.ଏନ): ରାଜସ୍ଥାନ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟୋରେଟ୍ ଡିଗ୍ରୀ (ଡକ୍ଟୋରେଟ୍ ଅଫ୍ ସାଇନ୍ସ) ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ୧୪ତମ ସମାବର୍ତ୍ତନ ଉତ୍ସବ ଅବସରରେ ବୁଧବାର ମୁଖ୍ୟଅତିଥି କିରଣ ବେଦୀଙ୍କ ଉପସ୍ଥିତିରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନସୂଚକ ଡକ୍ଟୋରେଟ୍ ପ୍ରଦାନ କରାଯାଇଛି। ଶ୍ରୀ ସାମନ୍ତ ଆଭାସୀରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ତାଙ୍କ ପ୍ରତିନିଧି ମହିଳା ବିଶ୍ୱବିଦ୍ୟାଳୟରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୫୭ତମ ସମ୍ମାନସୂଚକ ଡକ୍ଟୋରେଟ୍। ଶିକ୍ଷା, ସମାଜସେବା ସହ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛି। କୌଣସି ମହିଳା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଥର ଲାଗି ଶ୍ରୀ ସାମନ୍ତ ଏହି ସମ୍ମାନସୂଚକ ଡକ୍ଟୋରେଟ ହାସଲ କରିଛନ୍ତି। ଏହି ସମ୍ମାନରେ ଖୁସି ବ୍ୟକ୍ତ କରିବା ସହ ଶ୍ରୀ ସାମନ୍ତ ଜୟପୁରର ମହିଳା ବିଶ୍ୱବିଦ୍ୟାଳୟକୁ ଧନ୍ୟବାଦ ଜଣାଛନ୍ତି। ଏହି ସମ୍ମାନକୁ ଶ୍ରୀ ସାମନ୍ତ ନିଜ ମାଆ ନୀଳିମାରାଣୀ ତଥା କିଟ୍ ଓ କିସ୍ର ଶିକ୍ଷୟିତ୍ରୀ, ଅଧାପିକା ଏବଂ ମହିଳା ପ୍ରଶାସନିକ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି।


**ପୂର୍ବ ତଟ ରେଳପଥ**

Tender Notice No.: 05-KUR- TRD-OT-2024-25, ତାରିଖ : 18.04.2024

ବିଜ୍ଞାପିତ ମୂଲ୍ୟ : ଟ.୨,୬୨,୨୦୬/-

EMD: ଟ.15,300/-

www.ireps.gov.in

PR-46/P/24-25



ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act


## ବାଲିପଡାରେ ବିଜେଡି ପ୍ରାର୍ଥୀଙ୍କ ନିର୍ବାଚନୀ ପ୍ରଚାର



କୁକୁଡାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର): ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀର ବିଜେଡି ବିଧାୟକ ପାର୍ଥ ତଥା ସ୍ୱର୍ଗତ ସୂର୍ଯ୍ୟ ନାରାୟଣ ପାତ୍ର ଙ୍କ ପୁତ୍ର ବିପ୍ଳବ ପାତ୍ର ନିଜ ସମର୍ଥକ ଙ୍କ ସହ ମିଶି କୁକୁଡାଖଣ୍ଡି ବ୍ଲକର ବାଲିପଡା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଗସ୍ତ କରି ନିର୍ବାଚନୀ ପ୍ରଚାର ଝୋର ଜାର କରିଛନ୍ତି । ବୁଧବାର ଅପରାହ୍ନ ସମୟରେ ବାଲିପଡା ଗ୍ରାମରେ ପହଞ୍ଚିବା ପରେ ପୂର୍ବରୁ ଉପସ୍ଥିତ ଥିବା ଦଳୀୟ କର୍ମୀ ଓ ଗ୍ରାମବାସୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ବିରାଟ ପଟୁଆରରେ ବାହାରି ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ । ନବୀନ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ଲୋକଙ୍କୁ ବୁଝାଇବା ଶହ ଲୋକଙ୍କ ପାଖରେ ଉକ୍ତ ଯୋଜନା ପହଁଚୁଛି କି ନାହିଁ ତାହା ମଧ୍ୟ ପଚାରିବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ପାର୍ଥ ବିପ୍ଳବ ପାତ୍ରଙ୍କ ସହ କୁକୁଡ଼ାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ର,ଉପାଧାକ୍ଷା ବିଷ୍ଣୁପ୍ରିୟା ପାତ୍ର,ବରିଷ୍ଠ ବିଜେଡି ନେତା ଉଦୟ ବେହେରା, ସରପଞ୍ଚ ଝିଲ୍ଲୀ ସେଠି,ସାଂସଦ ପ୍ରତିନିଧି ନିରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ସନାତନ ସଂଗ୍ରାମ ସିଂ,ସଞ୍ଜୟ କୁମାର ପାଣିଗ୍ରାହୀ,ମନୋଜ ବିଶୋଇ ଙ୍କ ସମେତ ଅନ୍ୟ ସରପଞ୍ଚ, ସମିତି ସଭ୍ୟଙ୍କ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ବିଜେଡ଼ି କର୍ମୀ ଓ ଜନସାଧାରଣ ଉପସ୍ଥିତ ଥିଲେ।

## ଜମି ଉନ୍ନତି କାମ କରି ପାଉଣା ପାଇନଥିବା ଅଭିଯୋଗ ଆଣିଲେ ପତ୍ରାପାଲି ଗାଁ ହିତାଧିକାରୀ

ଖପ୍ରାଖୋଲ ,(ପିଏନ) ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ପତ୍ରାପାଲି ଗାଁ ହିତାଧୀକାରୀ ମାନେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନା ରେ ଜମି ଉନ୍ନତୀ କାମ କରି ବର୍ଷ ? ହେଲା ପାଉଣା ପାଇଥିବା ଖପ୍ରାଖୋଲ ବିଡ଼ିଓ ଙ୍କ ଠାରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ପତ୍ରାପାଲି ଗାଁ ର ହିତାଧୀକାରୀ ମାନେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତ ଯୋଜନା ରେ ଜମି ଉନ୍ନତି ପାଇଁ କାର୍ଯ୍ୟାଦେଶ ପାଇଥିଲେ । ହେଲେ ପ୍ରଥମ ପର୍ଯ୍ୟାୟରେ କିଏ ୧୦ ହଜାର ତ କିଏ ୨୦ହଜାର ଟଙ୍କା ପାଉଣା ପାଇଥିବା ବେଳେ ବର୍ଷେ ? ହେଲା ଅଧା ଟଙ୍କା ପାଇନଥିବା ଅଭିଯୋଗ କରିଛନ୍ତି। ଏନେଇ ହିତାଧୀକାରୀ ମାନେ ବ୍ଲକ କାର୍ଯ୍ୟାଳୟ ରେ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏନେଇ ବିଡ଼ିଓ ଷଡ଼ଙ୍ଗୀ ଙ୍କୁ ପଚାରିବାରୁ ପୂର୍ବରୁ ଅଭିଯୋଗ ପାଇନଥିଲୁ ଏବେ ପାଉଣା ପାଇନଥିବା ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ୦୯ ଟି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ଠାରେ ଗ୍ରୀଷ୍ମ ସମୟରେ ସ୍ୱଳ୍ପମୂଲ୍ୟ ଖାଦ୍ୟ ବ୍ୟବସ୍ଥା



ଭୁବନେଶ୍ୱର,(ପି.ଏନ): ଖୋର୍ଦ୍ଧା ରୋଡ୍, ସମ୍ବଲପୁର, ଟିଟିଲାଗଡ, ବଲାଙ୍ଗୀର, କଣ୍ଟାବାଞ୍ଜି, ପାଲାସା, ବିଶାଖାପାଟନମ୍, ବିଜୟନଗରମ୍ ଏବଂ ଶ୍ରୀକାକୁଲମ୍ ରେଳ ଷ୍ଟେସନରେ ଯାତ୍ରୀଙ୍କୁ ସ୍ୱଳ୍ପମୂଲ୍ୟ ଖାଦ୍ୟ ଯୋଗାଇ ଦିଆଯାଉଛି। ଭାରତୀୟ ରେଳ ଗ୍ରୀଷ୍ମ ଋତୁରେ ଯାତ୍ରୀମାନଙ୍କ ପାଇଁ ସ୍ୱଳ୍ପମୂଲ୍ୟ ଭୋଜନ ପ୍ରଦାନ କରୁଛି । ସ୍ୱଳ୍ପମୂଲ୍ୟ ଭୋଜନ ସହଜ ଉପଲବ୍ଧ ସୁନିଶ୍ଚିତ କରିବାକୁ ପ୍ଲାଟଫର୍ମରେ ସାଧାରଣ ଦ୍ୱିତୀୟ ଶ୍ରେଣୀ (ଜିଏସ୍) କୋଚ୍ ନିକଟରେ ସୁବିଧାଜନକ ଭାବରେ କାଉଣ୍ଟରରେ ଉପଲବ୍ଧ । ଏହି ଭୋଜନ କାଉଣ୍ଟରଗୁଡ଼ିକ ବର୍ତ୍ତମାନ ୧୦୦ ରୁ ଅଧିକ ଷ୍ଟେସନ୍ ଠାରେ ଉପଲବ୍ଧ ଥିବାବେଳେ ଭାରତୀୟ ରେଳବାଇ ରେ ପ୍ରାୟ ୧୫୦ କାଉଣ୍ଟରରେ କାର୍ଯ୍ୟକ୍ଷମ କରୁଛି ।କମ ଖର୍ଚ୍ଚ ସଚେତନ ଥିବା ଯାତ୍ରୀମାନଙ୍କ ପାଇଁ ଏକ ବଡ଼ ଖବର ! ଭାରତୀୟ ରେଳବାଇ ସହିତ ଭାରତୀୟ ରେଳ କ୍ୟାଟରିଂ ଆଣ୍ଡ ଟୁରିଜିମ୍ କର୍ପୋରେସନ୍ (ଆଇଆରସିଟିସି) ଯାତ୍ରୀମାନଙ୍କୁ ବିଶେଷ କରି ଅଣସଂରକ୍ଷିତ କୋଚ୍‌ରେ ଥିବା ଯାତ୍ରୀମାନଙ୍କୁ ସ୍ୱଳ୍ପମୂଲ୍ୟ ଭୋଜନ ସେବା ଯୋଗାଇବା ପାଇଁ ପଦକ୍ଷେପ ନେଇଛ ।ଏହି କାର୍ଯ୍ୟକ୍ରମ ଗ୍ରୀଷ୍ମ ମାସରେ ଯାତ୍ରୀମାନଙ୍କ ଯାତାୟାତରେ ବୃଦ୍ଧି ଘଟିବ ବୋଲି ଅନୁମାନ କରାଯାଉଅଛି । ଭାରତୀୟ ରେଳବାଇରେ ଅଣସଂରକ୍ଷିତ କମ୍ପାର୍ଟମେଣ୍ଟ (ଜେନେରାଲ୍ କ୍ଲାସ୍ କୋଚ୍) ରେ ଯାତ୍ରା କରୁଥିବା ବ୍ୟକ୍ତିମାନେ ବା ଯାତ୍ରୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡିକୁ ସ୍ୱୀକୃତି ଦେଇଛି, ଯେଉଁମାନେ ସର୍ବଦା ସୁବିଧାଜନକ ଏବଂ ବଜେଟ୍ ଅନୁକୂଳ ଭୋଜନ ବିକଳ୍ପ ପାଇପାରନ୍ତି ନାହିଁ ।ଏହି ପଦକ୍ଷେପ ଏକ ଦ୍ୱ?ତ ଆଭିମୁଖ୍ୟ ପ୍ରଦାନ କରୁଛି । ସ୍ୱଳ୍ପମୂଲ୍ୟ ଭୋଜନ: ପକେଟ ଅନୁକୂଳ ମାତ୍ର ଜଷ୍ଟ. ୨୦ / – ମୂଲ୍ୟରେ ଏହି ଭୋଜନ ଯାତ୍ରା ସମୟରେ ଯାତ୍ରୀମାନଙ୍କ ପାଇଁ ଏକ ସନ୍ତୋଷଜନକ ଏବଂ ସୁଲଭ ବିକଳ୍ପ ପ୍ରଦାନ କରୁଛି । ସ୍ନାକ୍ସ ଭୋଜନ: ଯେଉଁମାନେ ହାଲୁକା ଭୋଜନ ଯାତ୍ରା ସମୟରେ ଚାହୁଁଛନ୍ତି ସେମାନଙ୍କ ପାଇଁ ଜଷ୍ଟ. ୫୦ / – ମୂଲ୍ୟରେ ସ୍ନାକ୍ସ ଭୋଜନ ମଧ୍ୟ ଉପଲବ୍ଧ ।ଏହି ସୁବିଧାକୁ ସହଜରେ ଯାତ୍ରୀ ମାନଙ୍କ ପାଖରେ ଉପଲବ୍ଧ କରାଇବା ପାଇଁ ଏହି ସ୍ୱଳ୍ପମୂଲ୍ୟ ଭୋଜନ ଏବଂ ଜଳ ପ୍ଲାଟଫର୍ମରେ ସାଧାରଣ ଦ୍ୱିତୀୟ ଶ୍ରେଣୀ (ଜିଏସ୍) କୋଚ୍ ନିକଟରେ ସୁବିଧାଜନକ ଭାବରେ କାଉଣ୍ଟରରେ ଉପଲବ୍ଧ କରାଯାଉଅଛି । ଯାତ୍ରୀମାନେ ଷ୍ଟେସନ ବାହାରେ ବିକ୍ରେତା କିମ୍ବା ଦୋକାନ ସନ୍ଧାନର ଆବଶ୍ୟକତାକୁ ଦୂର କରି ଏହି କାଉଣ୍ଟରରୁ ସିଧାସଳଖ ସେମାନଙ୍କ ପାଇଁ ସୁଲଭ ଓ ସ୍ୱଳ୍ପମୂଲ୍ୟ ଭୋଜନ କ୍ରୟ କରିପାରିବେ ।ଗତ ବର୍ଷ ଭାରତୀୟ ରେଳବାଇର ପାଇଲଟ୍ ପ୍ରୋଜେକ୍ଟ ଭାବରେ ପ୍ରାୟ ୫୧ ଟି ଷ୍ଟେସନରେ ଏହି ସେବା ସଫଳତାର ସହ ଉପଲବ୍ଧ କରାଯାଇପାରିଥିଲା । ସେହି ସଫଳତା ଉପରେ ଆଧାର କର ରେଳବାଇ ଏହି କାର୍ଯ୍ୟକ୍ରମକୁ ଯଥେଷ୍ଟ ବିସ୍ତାର କରିଛି ଯାହାକି ବର୍ତ୍ତମାନ ୧୦୦ ରୁ ଅଧିକ ଷ୍ଟେସନରେ ସମୁଦାୟ ୧୫୦ କାଉଣ୍ଟର ମାନଙ୍କରେ କାର୍ଯ୍ୟକ୍ଷମ କରାଯାଇଅଛି । ନିକଟ ଭବିଷ୍ୟତରେ ଆହୁରି ଅଧିକ ଷ୍ଟେସନକୁ ଏହି ଯୋଜନା ମଧ୍ୟରେ ଅନ୍ତର୍ଭୁକ୍ତ କରି ଏହି ପଦକ୍ଷେପ ଅଧିକ ଅଭିବୃଦ୍ଧି ପାଇଁ ଯୋଜନା କରାଯାଇଛି ।ଏହି ସ୍ୱଳ୍ପମୂଲ୍ୟ ଭୋଜନ ଉପଲବ୍ଧତା କାର୍ଯ୍ୟକ୍ରମ ଯାତ୍ରୀମାନଙ୍କ ପାଇଁ ଏକ ବିଶେଷ ଲାଭ ପ୍ରଦାନ କରିଥାଏ, ବିଶେଷକରି ଯେଉଁମାନେ ଜେନେରାଲ୍ କ୍ଲାସ୍ କୋଚ୍ ରେ ଯାତ୍ରା କରନ୍ତି । ଏହା ସହଜରେ ଯାତ୍ରୀମାନଙ୍କୁ ଉପଲବ୍ଧ, ସୁଲଭ ଭୋଜନ ଏବଂ ସ୍ନାକ୍ସ ସୁନିଶ୍ଚିତ କରୁଛି ଯାହାକି ଯାତ୍ରୀମାନେ ସେମାନଙ୍କର ଯାତ୍ରା ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନହୋଇ ସୁବିଧାରେ ସ୍ୱଳ୍ପମୂଲ୍ୟ ଭୋଜନ ପାଇପାରିବେ ।ପୂର୍ବତଟ ରେଳପଥ ପରିସୀମା ମଧ୍ୟରେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳ ଦ୍ୱାରା ଖୋର୍ଦ୍ଧା ରୋଡ୍ ଓ ପଲାସା ରେଳ ଷ୍ଟେସନ; ସମ୍ବଲପୁର ରେଳମଣ୍ଡଳ ଦ୍ୱାରା ସମ୍ବଲପୁର, ଟିଟିଲାଗଡ, ବଲାଙ୍ଗୀର ଓ କଣ୍ଟାବାଞ୍ଜୀ ଷ୍ଟେସନ ଠାରେ ଏବଂ ୱାଲଟିୟର ରେଳ ମଣ୍ଡଳ ଦ୍ୱାରା ବିଶାଖାପାଟନମ, ବିଜୟନଗରମ ଏବଂ ଶ୍ରୀକାକୁଲମ ରେଳ ଷ୍ଟେସନ ଭଳି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ ଯାତ୍ରୀମାନଙ୍କୁ ସ୍ୱଳ୍ପମୂଲ୍ୟ ଭୋଜନ ଯୋଗାଇ ଦିଆଯାଉଛି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray